# ମତଦାନ: କେବେ, କେଉଁଠି

ବାଜିଲା ୨୦୨୪ ନିର୍ବାଚନ ବିଗୁଲ୍ । ଭାରତର ମୁଖ୍ୟ ନିର୍ବାଚନ କମିସନର (ସିଇସି) ରାଜୀବ କୁମାର ଶନିବାର ଦେଶର ସମସ୍ତ ୫୪୩ ଲୋକସଭା ଆସନ ଓ ୪ଟି ରାଜ୍ୟର ବିଧାନସଭା ଆସନ ପାଇଁ ତାରିଖ ଘୋଷଣା କରିବା ପରେ ଗତ କିଛି ଦିନ ହେଲା ନିର୍ବାଚନକୁ ନେଇ ଲାଗି ରହିଥିବା ସମସ୍ତ କଳ୍ପନା-ଜଳ୍ପନା ଓ ପ୍ରତୀକ୍ଷାର ଅନ୍ତ ଘଟିଛି । ଆସନ୍ତା ଏପ୍ରିଲ୍ ୧୯ ତାରିଖରୁ ଜୁନ୍ ୧ ତାରିଖ ଯାଏ ସମଗ୍ର ଦେଶରେ ମୋଟ ୭ଟି ପର୍ଯ୍ୟାୟରେ ନିର୍ବାଚନ ହେବ । ମଣିପୁରରେ ଦୁଇଟି ଲୋକସଭା ଆସନ ଥିବା ବେଳେ ହିଂସାକୁ ଦୃଷ୍ଟିରେ ରଖି ଗୋଟିଏ ଲୋକସଭା ଆସନ ପାଇଁ ଦୁଇଟି ପର୍ଯ୍ୟାୟ (୧୯ ଓ ୨୬ ତାରିଖ)ରେ ଭୋଟ ଗ୍ରହଣ ହେବ । ଓଡ଼ିଶାରେ ୪ଟି ପର୍ଯ୍ୟାୟ (ମେ' ୧୩ରେ ପ୍ରଥମ, ମେ' ୨୦ ଦ୍ୱିତୀୟ, ମେ' ୨୫ରେ ତୃତୀୟ ଓ ଜୁନ୍୧ରେ ଚତୁର୍ଥ)ରେ ଭୋଟ ଗ୍ରହଣ କରାଯିବ । ଜୁନ୍ ୪ ତାରିଖରେ ଭୋଟ ଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ ବୋଲି ଭାରତର ମୁଖ୍ୟ ନିର୍ବାଚନ କମିସନର ସୂଚନା ଦେଇଛନ୍ତି ।

## ୭ଟି ପର୍ଯ୍ୟାୟରେ ଭୋଟ୍

| ୧ମ | ୨ୟ | ୩ୟ | ୪ର୍ଥ | ୫ମ | ୬ଷ୍ଠ | ୭ମ |
|---|---|---|---|---|---|---|
| ଏପ୍ରିଲ ୧୯ | ଏପ୍ରିଲ ୨୬ | ମଇ ୭ | ମଇ ୧୩ | ମଇ ୨୦ | ମଇ ୨୫ | ଜୁନ ୦୧ |
| ୧୦୨ ଆସନ | ୮୯ ଆସନ | ୯୪ ଆସନ | ୯୬ ଆସନ | ୪୯ ଆସନ | ୫୭ ଆସନ | ୫୭ ଆସନ |

| ଓଡ଼ିଶା ନିର୍ବାଚନ ସୂଚୀ | ୧ମ ପର୍ଯ୍ୟାୟ | ୨ୟ ପର୍ଯ୍ୟାୟ | ୩ୟ ପର୍ଯ୍ୟାୟ | ୪ର୍ଥ ପର୍ଯ୍ୟାୟ |
|---|---|---|---|---|
| ଗେଜେଟ୍ ବିଜ୍ଞପ୍ତି | ୧୮।୦୪।୨୦୨୪ | ୨୬।୦୪।୨୦୨୪ | ୨୯।୦୪।୨୦୨୪ | ୦୭।୦୫।୨୦୨୪ |
| ନାମାଙ୍କନ ଦାଖଲ ଶେଷ | ୨୫।୦୪।୨୦୨୪ | ୦୩।୦୫।୨୦୨୪ | ୦୬।୦୫।୨୦୨୪ | ୧୪।୦୫।୨୦୨୪ |
| ନାମାଙ୍କନପତ୍ର ଯାଞ୍ଚ | ୨୬।୦୪।୨୦୨୪ | ୦୪।୦୫।୨୦୨୪ | ୦୭।୦୫।୨୦୨୪ | ୧୫।୦୫।୨୦୨୪ |
| ନାମାଙ୍କନ ପ୍ରତ୍ୟାହାର | ୨୯।୦୪।୨୦୨୪ | ୦୬।୦୫।୨୦୨୪ | ୦୯।୦୫।୨୦୨୪ | ୧୭।୦୫।୨୦୨୪ |
| ମତଦାନ | ୧୩।୦୫।୨୦୨୪ | ୨୦।୦୫।୨୦୨୪ | ୨୫।୦୫।୨୦୨୪ | ୦୧।୦୬।୨୦୨୪ |

### ଲୋକସଭା ଆସନ: ବ୍ରହ୍ମପୁର
ପ୍ରଥମ ପର୍ଯ୍ୟାୟ ମେ ୧୩
ବିଧାନସଭା ଆସନ: ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି, ମୋହନା, ପାରଳାଖେମୁଣ୍ଡି

### ଲୋକସଭା ଆସନ: କଳାହାଣ୍ଡି
ପ୍ରଥମ ପର୍ଯ୍ୟାୟ ମେ ୧୩
ବିଧାନସଭା ଆସନ: ନୂଆପଡ଼ା, ଖଡ଼ିଆଳ, ଲାଞ୍ଜିଗଡ଼, ଜୁନାଗଡ଼, ଧର୍ମଗଡ଼, ଭବାନୀପାଟଣା, ନର୍ଲା

### ଲୋକସଭା ଆସନ: ଆସିକା
ଦ୍ୱିତୀୟ ପର୍ଯ୍ୟାୟ ମେ ୨୦
ବିଧାନସଭା ଆସନ: ପୋଲସରା, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ଆସିକା, ସୋରଡ଼ା, ସାନଖେମୁଣ୍ଡି, ହିଞ୍ଜିଳି

### ଲୋକସଭା ଆସନ: କଟକ
ତୃତୀୟ ପର୍ଯ୍ୟାୟ ମେ ୨୫
ବିଧାନସଭା ଆସନ: ବଡ଼ମ୍ବା, ବାଙ୍କୀ, ଆଠଗଡ଼, ବାରବାଟି-କଟକ, ଚୌଦ୍ୱାର-କଟକ, କଟକ ସଦର, ଖଣ୍ଡପଡ଼ା

### ଲୋକସଭା ଆସନ: ବାଲେଶ୍ୱର
ଚତୁର୍ଥ ପର୍ଯ୍ୟାୟ ଜୁନ ୦୧
ବିଧାନସଭା ଆସନ: ବଡ଼ସାହି, ଜଳେଶ୍ୱର, ଭୋଗରାଇ, ବସ୍ତା, ବାଲେଶ୍ୱର, ରେମୁଣା, ନୀଳଗିରି

### ଲୋକସଭା ଆସନ: କୋରାପୁଟ
ପ୍ରଥମ ପର୍ଯ୍ୟାୟ ମେ ୧୩
ବିଧାନସଭା ଆସନ: ଗୁଣୁପୁର, ବିଷମ କଟକ, ରାୟଗଡ଼ା, ଲକ୍ଷ୍ମୀପୁର, ଜୟପୁର, କୋରାପୁଟ, ପଟ୍ଟାଙ୍ଗି

### ଲୋକସଭା ଆସନ: ବଲାଙ୍ଗୀର
ଦ୍ୱିତୀୟ ପର୍ଯ୍ୟାୟ ମେ ୨୦
ବିଧାନସଭା ଆସନ: ବୀରମହାରାଜପୁର, ସୋନପୁର, ଲୋଇସିଂହା, ପାଟନାଗଡ଼, ବଲାଙ୍ଗୀର, ଟିଟଲାଗଡ଼, କଣ୍ଟାବାଞ୍ଜି

### ଲୋକସଭା ଆସନ: ଭୁବନେଶ୍ୱର
ତୃତୀୟ ପର୍ଯ୍ୟାୟ ମେ ୨୫
ବିଧାନସଭା ଆସନ: ଜୟଦେବ, ଭୁବନେଶ୍ୱର (ମଧ୍ୟ), ଭୁବନେଶ୍ୱର (ଉତ୍ତର), ଏକାମ୍ର-ଭୁବନେଶ୍ୱର, ଜଟଣୀ, ବେଗୁନିଆ, ଖୋର୍ଦ୍ଧା

### ଲୋକସଭା ଆସନ: ଭଦ୍ରକ
ଚତୁର୍ଥ ପର୍ଯ୍ୟାୟ ଜୁନ ୦୧
ବିଧାନସଭା ଆସନ: ସୋର, ସିମୁଳିଆ, ଭଣ୍ଡାରିପୋଖରୀ, ଭଦ୍ରକ, ବାସୁଦେବପୁର, ଧାମନଗର, ଚାନ୍ଦବାଲି

### ଲୋକସଭା ଆସନ: ନବରଙ୍ଗପୁର
ପ୍ରଥମ ପର୍ଯ୍ୟାୟ ମେ ୧୩
ବିଧାନସଭା ଆସନ: ଉମରକୋଟ, ଝରିଗାଁ, ନବରଙ୍ଗପୁର, ଡାବୁଗାଁ, କୋଟପାଡ଼, ମାଲକାନଗିରି, ଚିତ୍ରକୋଣ୍ଡା

### ଲୋକସଭା ଆସନ: କନ୍ଧମାଳ
ଦ୍ୱିତୀୟ ପର୍ଯ୍ୟାୟ ମେ ୨୦
ବିଧାନସଭା ଆସନ: ବାଲିଗୁଡ଼ା, ଘୁ. ଉଦୟଗିରି, ଫୁଲବାଣୀ, କନ୍ଧମାଳ, ବୌଦ୍ଧ, ଦଶପଲା, ଭଞ୍ଜନଗର

### ଲୋକସଭା ଆସନ: ପୁରୀ
ତୃତୀୟ ପର୍ଯ୍ୟାୟ ମେ ୨୫
ବିଧାନସଭା ଆସନ: ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ, ପିପିଲି, ଚିଲିକା, ରଣପୁର, ନୟାଗଡ଼

### ଲୋକସଭା ଆସନ: ଯାଜପୁର
ଚତୁର୍ଥ ପର୍ଯ୍ୟାୟ ଜୁନ ୦୧
ବିଧାନସଭା ଆସନ: ବିଞ୍ଝାରପୁର, ବରୀ, ବଡ଼ଚଣା, ଧର୍ମଶାଳା, ଯାଜପୁର, କୋରେଇ, ସୁକିନ୍ଦା

### ଲୋକସଭା ଆସନ: ବରଗଡ଼
ଦ୍ୱିତୀୟ ପର୍ଯ୍ୟାୟ ମେ ୨୦
ବିଧାନସଭା ଆସନ: ପଦ୍ମପୁର, ବିଜେପୁର, ବରଗଡ଼, ଅତାବିରା, ଭଟଲି, ବ୍ରଜରାଜନଗର, ଝାରସୁଗୁଡ଼ା

### ଲୋକସଭା ଆସନ: କେନ୍ଦୁଝର
ତୃତୀୟ ପର୍ଯ୍ୟାୟ ମେ ୨୫
ବିଧାନସଭା ଆସନ: ତେଲକୋଇ, ଘଷିପୁରା, ଆନନ୍ଦପୁର, ପାଟଣା, କେନ୍ଦୁଝର, ଚମ୍ପୁଆ, କରଞ୍ଜିଆ

### ଲୋକସଭା ଆସନ: ସମ୍ବଲପୁର
ତୃତୀୟ ପର୍ଯ୍ୟାୟ ମେ ୨୫
ବିଧାନସଭା ଆସନ: କୁଚିଣ୍ଡା, ରେଙ୍ଗାଲି, ସମ୍ବଲପୁର, ରେଢ଼ାଖୋଲ, ଦେବଗଡ଼, ଛେଣ୍ଡିପଦା, ଆଠମଲ୍ଲିକ

### ଲୋକସଭା ଆସନ: କେନ୍ଦ୍ରାପଡ଼ା
ଚତୁର୍ଥ ପର୍ଯ୍ୟାୟ ଜୁନ ୦୧
ବିଧାନସଭା ଆସନ: ସାଲେପୁର, ମାହାଙ୍ଗା, ପାଟକୁରା, କେନ୍ଦ୍ରାପଡ଼ା, ଆଳି, ରାଜନଗର, ମହାକାଳପଡ଼ା

### ଲୋକସଭା ଆସନ: ସୁନ୍ଦରଗଡ
ଦ୍ୱିତୀୟ ପର୍ଯ୍ୟାୟ ମେ ୨୦
ବିଧାନସଭା ଆସନ: ତଳସରା, ସୁନ୍ଦରଗଡ଼, ବୀରମିତ୍ରପୁର, ରଘୁନାଥପାଲୀ, ରାଉରକେଲା, ରାଜଗାଙ୍ଗପୁର, ବଣାଇ

### ଲୋକସଭା ଆସନ: ଢେଙ୍କାନାଳ
ତୃତୀୟ ପର୍ଯ୍ୟାୟ ମେ ୨୫
ବିଧାନସଭା ଆସନ: ଢେଙ୍କାନାଳ, ହିନ୍ଦୋଳ, କାମାକ୍ଷାନଗର, ପରଜଙ୍ଗ, ପାଲଲହଡ଼ା, ତାଳଚେର, ଅନୁଗୋଳ

### ଲୋକସଭା ଆସନ: ମୟୂରଭଞ୍ଜ
ଚତୁର୍ଥ ପର୍ଯ୍ୟାୟ ଜୁନ ୦୧
ବିଧାନସଭା ଆସନ: ଯଶୀପୁର, ସାରସକଣା, ରାଇରଙ୍ଗପୁର, ବାଙ୍ଗିରିପୋଷି, ଉଦଳା, ବାରିପଦା, ମୋରଡ଼ା

### ଲୋକସଭା ଆସନ: ଜଗତସିଂହପୁର
ଚତୁର୍ଥ ପର୍ଯ୍ୟାୟ ଜୁନ ୦୧
ବିଧାନସଭା ଆସନ: ନିଆଳି, ପାରାଦ୍ୱୀପ, ତିର୍ତ୍ତୋଲ, ବାଲିକୁଦା-ଏରସମା, ଜଗତସିଂହପୁର, କାକଟପୁର, ନିମାପଡ଼ା

ସୌଜନ୍ୟ: ଗ୍ରାଫିକ୍ସ-ନନ୍ଦିଘୋଷ ଟିଭି

## ଶାଳବା ଘାଟରୁ ବାଲି ଚାଲାଣକୁ ନେଇ ବିବାଦ

ପାଣିକୋଇଲି/ଷଠିପୁର, ୧୬।୩(ସମିସ): ବ୍ୟାସନଗର ତହସିଲ ତଥା ପାଣିକୋଇଲି ଥାନା ଅନ୍ତର୍ଗତ ବୈତରଣୀ ନଦୀର ମୂଳାପାଳ ପଞ୍ଚାୟତ ଶାଳବା ବାଲିଘାଟରୁ ବାଲି ଉଠାଣକୁ ନେଇ ବିବାଦ ଦେଖାଦେଇଛି। ଏହାକୁ କେନ୍ଦ୍ର କରି ଦୁଇଟି ମାମଲା ରୁଜୁ କରାଯାଇଛି। ଶାଳବା ବାଲିଘାଟରୁ ଶୁକ୍ରବାର ଭାରିଯାନରେ ବାଲି ପରିବହନ କରାଯାଉଥିଲା। ତେବେ ଭାରିଯାନରେ ବାଲି ପରିବହନ ବନ୍ଦ କରିବାକୁ ସରସଦା ଗ୍ରାମର ଯୁବକମାନେ ବିରୋଧ କରି ଏକ ହାଇୱାକୁ ଅଟକାଇଥିଲେ। ଏ ନେଇ ବାଲିଘାଟ ଲିଜଧାରୀଙ୍କ ପକ୍ଷରୁ ଏମାନେ ଗାଡି ଅଟକାଇ ମାସିକିଆ ଚାନ୍ଦା ମାଗିବା ଅଭିଯୋଗ କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇଜଣଙ୍କୁ ଆଣି ଅଟକ ରଖି ଦୁଇଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଏ ନେଇ ମୂଳାପାଳ ପଞ୍ଚାୟତରେ ଉତ୍ତେଜନା ଲାଗି ରହିଛି।

## କାର୍-ଟ୍ରକ୍ ଧକ୍କା, ବର୍ତ୍ତିଲେ ଯାତ୍ରୀ

ପାଣିକୋଇଲି, ୧୬।୩(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ବଜାରରେ ଆଜି ଅପରାହ୍ନରେ କାର୍ ସହିତ ଟ୍ରକ୍ ଧକ୍କା ହୋଇଛି। ତେବେ ଟ୍ରକ୍ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ କାରରେ ଥିବା ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ୨୦ ନମ୍ବର ଜାତୀୟ ରାଜପଥରେ ଯାଜପୁରରୋଡ ଆଡୁ ଏକ ଟ୍ରକ୍ ଆସୁଥିବାବେଳେ ପାଣିକୋଇଲି ବଜାରରେ ଏକ କାର୍ ବାମ ପଟେ ଅତିକ୍ରମ କରୁଥିଲା। ଫଳରେ କାର୍‌ଟି ଟ୍ରକ୍ ସହ ଚାପି ହୋଇଯାଇଥିଲା। ଟ୍ରକ୍‌ର ଚାଳକ ବ୍ରେକମାରି ଅଟକାଇକାଇ ଦେବାରୁ କାର୍‌ଟି ବଡ଼ ଦୁର୍ଘଟଣାରୁ ରକ୍ଷା ପାଇବା ସହ ଯାତ୍ରୀ ରକ୍ଷା ପାଇଯାଇଥିଲେ। ସେହି ସ୍ଥାନରେ ସମାନ ଭାବେ ଏକ ଟ୍ରଲର ଆସୁଥିବାବେଳେ ଏକ ଇନୋଭା କାର୍ ପଶିଯିବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ହେଲେ ଯାତ୍ରୀମାନେ ସୁରକ୍ଷିତ ଅଛନ୍ତି।




## ସାମ୍ବାଦିକଙ୍କ ମାତୃ ବିୟୋଗ



ବାଲିଚନ୍ଦ୍ରପୁର, ୧୬।୩(ସମିସ): ବାଲିଚନ୍ଦ୍ରପୁର ଅଞ୍ଚଳର ସାମ୍ବାଦିକ ପ୍ରତାପ କୁମାର ସେନାପତିଙ୍କ ମାତା ବାସନ୍ତୀ ସେନାପତି(୮୨)ଙ୍କ ଗତକାଲି ଅପରାହ୍ଣ ୪.୩୦ସମୟରେ ତାଙ୍କ ପତରାଜପୁରସ୍ଥ ବାସଭବନରେ ପରଲୋକ ହୋଇଯାଇଛି। ସେ ଗତ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗ ଖବରପାଇ ବାଲିଚନ୍ଦ୍ରପୁର ପ୍ରେସ୍ ଫୋରମ୍‌ର ସଭାପତି ଜୟନ୍ତ କୁମାର ରାଉତ, କାର୍ଯ୍ୟକାରୀ ସଭାପତି ଆଲୋକ ପ୍ରଧାନ, ସମ୍ପାଦକ ରାକେଶ କୁମାର ବାରିକ, କୋଷାଧ୍ୟକ୍ଷ ନାରାୟଣ ସାହୁ, ସାମ୍ବାଦିକ ବିକାଶ ରଞ୍ଜନ ବଳ, ନିବାରଣ ସାହୁ, ଶିବପ୍ରସାଦ ସାମଲ, ସଞ୍ଜୟ କୁମାର ବାରିକ, ଶୁଭକାନ୍ତ ସାହୁ, ପ୍ରଦୀପ ମହାରଣା, ସେକ୍ ସଲିମୁଦିନ ମହମ୍ମଦ, ଏକାଦଶୀ ସେଠୀ, ସତ୍ୟାନନ୍ଦ ମଲ୍ଲିକ, ସତ୍ୟବ୍ରତ ସିଂ, ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ସାନପୁଅ ପ୍ରତାପ ଚନ୍ଦ୍ର ସେନାପତି ମୁଖାଗ୍ନି ଦେଇଥିଲେ। ପତରାଜପୁର ପଞ୍ଚାୟତର ସମିତିସଭ୍ୟ କୁଳମଣି ବାରିକ, ସାମ୍ବାଦିକ ସୁଲତାନ୍ ସଇଫୁଲ୍ଲା ଖାଁ, ହାକିମ ମହମ୍ମଦ, ଶ୍ୟାମସୁନ୍ଦର ଦାସ, ନାରାୟଣ ଦାସ, ଦୁଃଶାସନ ସାହୁ, ଦାମୋଦର ପରମାଣିକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ପଣ୍ଡିତ ଦୟାନିଧି ପଣ୍ଡାଙ୍କ ଶ୍ରଦ୍ଧାଞ୍ଜଳି ସଭା

ହରିପୁର, ୧୬।୩ (ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ କୁରାଂଶ ଗ୍ରାମର ପଣ୍ଡିତ ଦୟାନିଧି ପଣ୍ଡାଙ୍କ ଦ୍ୱାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ପଣ୍ଡିତ ପ୍ରହ୍ଲାଦ ପଣ୍ଡାଙ୍କ ପୁରୋହିତରେ ଅନୁଷ୍ଠିତ ସଭାରେ ସ୍ମୃତି ସଂସଦ ପକ୍ଷରୁ ବିଶିଷ୍ଟ ସଂକୀର୍ତ୍ତନ ଗୁରୁ ଘନଶ୍ୟାମ ପତି ଓ କଳାକାର ଜଳଧର ପଣ୍ଡାଙ୍କୁ ଦୟାନିଧି ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଉକ୍ତ ସଭାରେ ଅତିଥି ଭାବେ କୈଳାସ ଚନ୍ଦ୍ର ରାଉତ, ପଣ୍ଡିତ ରବୀନ୍ଦ୍ର କୁମାର ମିଶ୍ର, ଯୋଗେନ୍ଦ୍ର ପଣ୍ଡା, ଅଭୟ କୁମାର ତ୍ରିପାଠୀ, ପ୍ରଦୀପ କୁମାର ସାମଲ, ରାହାମ୍ବା ସରପଞ୍ଚ ଚନ୍ଦନ କୁମାର ରାଉତ, ଗୋପୀନାଥ ପତି ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ରାଉତ, ଅଜୟ କୁମାର ମଲ୍ଲିକ, ଆନନ୍ଦ ସାହୁ, ବଟକୃଷ୍ଣ ପାତ୍ର ଯୋଗଦାନ କରି ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ। ସଂସଦର ସମ୍ପାଦକ ରବୀନ୍ଦ୍ର କୁମାର ସାହୁ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। କଳ୍ପତରୁ ପଣ୍ଡା ଅତିଥି ପରିଚୟ ଓ ବୃନ୍ଦାବନ ପଣ୍ଡା ମାନପତ୍ର ପାଠ କରିଥିଲେ। ସକ୍ରିୟ ସଦସ୍ୟ ଜିତେନ୍ଦ୍ର ଦାସ ଅତିଥିଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ପୁତ୍ର ସୁଧାଂଶୁ ଶେଖର ପଣ୍ଡା, ହିମାଂଶୁ ପଣ୍ଡା ଓ ପୁତୁରା ହର୍ଷବର୍ଦ୍ଧନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



### ସମସ୍ୟା ଘେରରେ ବଡ଼କୁଆଁଲ ଶାସ୍ତ୍ରିଜୀ ନୋଡାଲ ବିଦ୍ୟାଳୟ

# ଜଣେ ଶିକ୍ଷୟିତ୍ରୀଙ୍କୁ ୧୩୩ ପିଲା; ଶିକ୍ଷାଦାନ ବାଧାପ୍ରାପ୍ତ

କୟାଁଗୋଲା, ୧୬।୩ (ସମିସ)




ମଣିଷ ତିଆରି କାରଖାନାର ମୂଳଦୁଆ ପ୍ରାଥମିକ ବିଦ୍ୟାଳୟ। ସରକାର ଏହାର ଭିତ୍ତିଭୂମି ସୁଦୃଢ଼ କରିବାକୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ତେବେ ପ୍ରଶାସନିକ ଅବହେଳା କାରଣରୁ ତଳସ୍ତରରେ ଏହାର ରୂପାୟନ ଠିକ୍ ଭାବେ ହେଉନାହିଁ। କେଉଁଠି ଶ୍ରେଣୀଗୃହ ଅଭାବ ତ ଅନ୍ୟ କେଉଁଠି ଶିକ୍ଷକ। ଦଶରଥପୁର ଶିକ୍ଷାମଣ୍ଡଳ ଅନ୍ତର୍ଗତ ବଡକୁଆଁଲ ଶାସ୍ତ୍ରିଜୀ ନୋଡାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏହା ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ୧୩୩ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ଜଣେ ମାତ୍ର ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି। ଫଳରେ ପାଠପଢ଼ା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ଏଥିପ୍ରତି ଜିଲ୍ଲା ଶିକ୍ଷା ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।

ପ୍ରାକ୍ ସ୍ୱାଧୀନତା କାଳରେ ଏହି ବିଦ୍ୟାଳୟ ୧୯୪୫ରେ ପ୍ରତିଷ୍ଠା କରାଯାଇଥିଲା। ସ୍ଥାନୀୟ ଶିକ୍ଷାପ୍ରେମୀ ଓ ସାଧାରଣ ଲୋକଙ୍କ ସହଯୋଗରେ ଝାଟିମାଟି ଚାଳ ଛପର ଘରେ ଖୋଲିଥିବା ବିଦ୍ୟାଳୟର ଅନେକ ବିକାଶ ଘଟିଛି। ମାତ୍ର ଏବେ ଶିକ୍ଷକ ଅଭାବ ଭଳି ମୌଳିକ ସମସ୍ୟାର ପ୍ରତିକାର କରାଯାଇନାହିଁ। ପ୍ରଥମରୁ ସପ୍ତମ ୭ ଶ୍ରେଣୀର ପିଲା ସଂଖ୍ୟା ୧୩୩ ଓ କେବଳ ଜଣେ ମାତ୍ର ଶିକ୍ଷୟିତ୍ରୀଙ୍କ ହାତରେ ଏହି କୋମଳମତି ଛାତ୍ରଛାତ୍ରୀଙ୍କ ଭାଗ୍ୟ ଭବିଷ୍ୟତ ସମର୍ପି ଦେଇଛି ଶିକ୍ଷା ବିଭାଗ। ଶିକ୍ଷକ ଅଭାବ ଯୋଗୁଁ ପାଠପଢ଼ା ହୋଇପାରୁ ନ ଥିବାରୁ ଅଧିକାଂଶ ଅଭିଭାବକ ସେମାନଙ୍କ ପିଲାଙ୍କୁ ଅନ୍ୟତ୍ର ପାଠ ପଢ଼ାଉଛନ୍ତି। ଫଳରେ ବର୍ଷକୁ ବର୍ଷ ଉପସ୍ଥାନ ହ୍ରାସ ପାଉଛି। ଏଭଳି ଦୟନୀୟ ସ୍ଥିତିରେ ଚାଲିଛି ଇଂରେଜ ଅମଳର ଏହି ପୁରାତନ ବିଦ୍ୟାଳୟ। ଏଭଳି ଅବ୍ୟବସ୍ଥା ଲାଗି ରହିଥିଲେ ବି ବିଭାଗ ପକ୍ଷରୁ ସ୍ଥିତି ସୁଧାରିବା ପାଇଁ ପଦକ୍ଷେପ ନିଆଯାଉନାହିଁ। ଏଥିପ୍ରତି ବିଭାଗୀୟଅଧିକାରୀ ଦେବାକୁ ଦାବି ହେଉଛି।

## ନାବାଳିକା ଅପହରଣ ଅଭିଯୋଗ

ପାଣିକୋଇଲି, ୧୬।୩(ସମିସ): ନାବଳିକା ଅପହରଣ ନେଇ ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି। ପାଣିକୋଇଲି ଥାନା ଅନ୍ତର୍ଗତ କରଦା ଗ୍ରାମର ଜଣେ ବ୍ୟକ୍ତି ଏକ ଇଟାଭାଟି କାମ କରନ୍ତି। ୧୩ ତାରିଖ ଦିନ ସେ ଇଟାଭାଟିକୁ ଯାଇଥିବାବେଳେ ତାଙ୍କ ସ୍ତ୍ରୀ ମନ୍ଦିର ଯାଇଥିଲେ। ଘରେ ତାଙ୍କର ନାବଳିକା (୧୭ ବର୍ଷ) ଝିଅ ଥିଲେ। ଏହାର ସୁଯୋଗରେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ୧୩୮/୨୪ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଆବାସ ଯୋଜନାରୁ ବଞ୍ଚିତ ଖଗେଶ୍ୱରଙ୍କ ପରିବାର

କୟାଁଗୋଲା, ୧୬।୩(ସମିସ)



ପ୍ରଶାସନର ଅଣଦେଖା

ଦଶରଥପୁର ବ୍ଲକ ଅନ୍ତର୍ଗତ କୟାଁ ପଞ୍ଚାୟତ ଧରମପୁର ଗ୍ରାମର ଖଗେଶ୍ୱର ମଲ୍ଲିକ (୪୦)ଙ୍କ ପରିବାରକୁ ସରକାରୀ ଆବାସ ମିଳିନାହିଁ। ସରକାରୀ ଯୋଜନା କହିଲେ ଖାଦ୍ୟ ସୁରକ୍ଷା ଯୋଜନାରେ କେବଳ ରାସନ କାର୍ଡ ଖଣ୍ଡିଏ ସାହା ଭରସା। ମଜୁରି ଲାଗି ପେଟ ପୋଷଣ କରିଥା'ନ୍ତି। ରାସନ କାର୍ଡକୁ ଭରସା କରିଛନ୍ତି ଖଗେଶ୍ୱର ମଲ୍ଲିକ। ପତ୍ନୀ କବିତା ମଲ୍ଲିକ (୩୫), ପୁଅ କିଶୋର ମଲ୍ଲିକ (୧୬) ଓ ଶେଖର ମଲ୍ଲିକ (୧୪)ଙ୍କୁ ନେଇ ଭଙ୍ଗା କୁଡ଼ିଆରେ ଜୀବନ କାଟୁଛନ୍ତି। ଅଭାବ ଅନଟନ ଭିତରେ ପିଲାମାନଙ୍କୁ ଠିକ୍ ଭାବେ ପଢ଼ାଇ ପାରୁନାହାଁନ୍ତି। ସକାଳ ହେଲେ ପେଟ ଚିନ୍ତାରେ ଗ୍ରାମ ଗ୍ରାମ ବୁଲି ମଜୁରି ଲାଗିଥା'ନ୍ତି। ଯାହା ପାରିଶ୍ରମିକ ମିଳେ ସେଥିରେ ଅତି କଷ୍ଟରେ ପରିବାର ଚଳିଥାଏ। ଏହି ପରିବାର ଉପରେ ଆଜିଯାଏ ପ୍ରଶାସନର ନଜର ପଡ଼ିନାହିଁ। ଭଙ୍ଗା ଝାଟିମାଟି ଘର ଜରି ପାଲ ତଳେ ଖଗେଶ୍ୱରଙ୍କ ପରିବାର ଦିନ କାଟନ୍ତି। ବୈତରଣୀ ନଦୀ କୂଳରେ ଘର ହୋଇଥିବାରୁ ବନ୍ୟା ସମୟରେ ଘରଡିଅ ବୁଡ଼ିଯାଏ, ଘର ଭିତରେ ପାଣି ଲହରୀ ମାରେ। ଏପରି ବିପଦସଂକୁଳ ଅବସ୍ଥାରେ ପିଲାଙ୍କ ଜୀବନ ଓ ଭବିଷ୍ୟତ। ଏ ସମ୍ପର୍କରେ ସରପଞ୍ଚ ମନ୍ଦାକିନୀ ମଲ୍ଲିକଙ୍କୁ ପଚାରିବାରୁ ସର୍ଭେ ସମୟରେ ଏହି ପରିବାରର ତାଲିକା କଟି ଯାଇଥିବାରୁ ତାଙ୍କୁ ଘର ମିଳିନାହିଁ ବୋଲି କହିଛନ୍ତି। ଖଗେଶ୍ୱରଙ୍କ ପରିବାରକୁ ସରକାରୀ ଆବାସ ଯୋଗେଇ ଦେବା ପାଇଁ ଗ୍ରାମର ଚନ୍ଦ୍ରଶେଖର ଦାସ, ହୃଷିକେଶ ମଲ୍ଲିକ, କାମଦେବ ବାରିକ, ଶତ୍ରୁଘ୍ନ ମଲ୍ଲିକ, ବକାନା ମଲ୍ଲିକ ପ୍ରମୁଖ ଦାବି କରିଛନ୍ତି।

## ବାଛୁରି ଚାଲାଣ ମାମଲାରେ ଟ୍ରକ୍ ଚାଳକ ଗିରଫ

ପାଣିକୋଇଲି, ୧୬।୩(ସମିସ)



ପାଣିକୋଇଲି ପୁଲିସ ଆଜି ବେଆଇନ ବାଛୁରି ଚାଲାଣ ଅଭିଯୋଗରେ ପିକ୍‌ଅପ୍ ଭ୍ୟାନ୍ ଚାଳକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଚାଳକ ଜଣଙ୍କ କଟକ ଚୌଦ୍ୱାରର ସେକ ଅବଦୁଲ କରିମଙ୍କ ପୁଅ ସେକ ସୁଲତାନ। ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଦେଇ ପ୍ରତିଦିନ ଷଣ୍ଢ ଓ ବାଛୁରି ବେଆଇନ ଚାଲାଣ ହେଉଥିବାବେଳେ ଗତ ଫେବୃଆରୀ ୩ ତାରିଖରେ ବେଆଇନ ବାଛୁରି ଚାଲାଣବେଳେ ପୁଲିସ ପାଟ୍ରୋଲିଂ ଟିମ ହାବୁଡ଼ରେ ପଡ଼ିଯିବା କାରଣରୁ ବାଛୁରି ବୋଝେଇ ଗାଡ଼ିକୁ ଛାଡ଼ି ଚାଳକ ଫେରାର ହୋଇଯାଇଥିଲା। ପୁଲିସ ସାନ୍ଧ୍ୟକାଳୀନ ପାଟ୍ରୋଲିଂ କରୁଥିବାବେଳେ ସାହାପୁର ପୋଲ ଉପରେ ଏକ ପିକଅପ ଭ୍ୟାନ୍‌ରେ କୁଆଖିଆ ଆଡ଼କୁ ଯାଉଥିବା ଦେଖି ଅଟକାଇଥିଲା। ଭ୍ୟାନ୍‌ଟି କିଛି ଦୂରରେ ଅଟକିବା ପରେ ଚାଳକ ଅନ୍ଧାରର ସୁଯୋଗ ନେଇ ଦୌଡ଼ି ପଳାଇଯାଇଥିଲା। ପରେ ପୁଲିସ ଉକ୍ତ ଭ୍ୟାନରେ ଆଠଟି ବାଛୁରି ଦୟନୀୟ ଅବସ୍ଥାରେ ବନ୍ଧା ହୋଇଥିବା ଦେଖି ଥାନାକୁ ଆଣିବା ସହିତ ବାଛୁରିଗୁଡ଼ିକୁ ମୁକ୍ତ କରିଥିଲା। ପରେ ଭ୍ୟାନକୁ ଜବତ କରିବା ସହିତ ବାଛୁରିଗୁଡ଼ିକୁ ସ୍ଥାନୀୟ ଲୋକଙ୍କ ଜିମା ଦିଆଯାଇଥିଲା। ଏ ନେଇ ୭୩/୨୪ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବାବେଳେ ଆଜି ଚାଳକକୁ ଗିରଫ କରି ଅଦାଲତ ଚାଲାଣ କରାଯାଇଥିବା ତଦନ୍ତାଧିକାରୀ ଏସଆଇ ସ୍ମୃତି ମଞ୍ଜରୀ ବଡଜେନା ପ୍ରକାଶ କରିଛନ୍ତି।

## ଧର୍ମଶାଳା ପ୍ରେସ୍ କ୍ଲବ୍ ପକ୍ଷରୁ ଦାବିପତ୍ର ପ୍ରଦାନ



ଧର୍ମଶାଳା, ୧୬।୩(ସମିସ): ଧର୍ମଶାଳା ପ୍ରେସ୍ କ୍ଲବ ପକ୍ଷରୁ ବିଭିନ୍ନ ଦାବି ନେଇ ଆଜି ଧର୍ମଶାଳା ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରେସ୍‌କ୍ଲବ୍‌ସଭାପତି ରମାକାନ୍ତ ଜେନାଙ୍କ ନେତୃତ୍ୱରେ କ୍ଲବର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ କରାଯିବା ସହ ଅନ୍ୟ ସହାୟତା ପ୍ରଦାନ କରାଯିବାକୁ ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ପ୍ରେସ କ୍ଲବର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

### ବିଦ୍ୟୁତ୍ ବିଭାଗର ଖାମଖିଆଲି ମନୋଭାବ

## ପଙ୍କପାଳ ଗାଁରେ ଖୋଲାପଡ଼ିଛି ଟ୍ରାନ୍ସଫର୍ମର

ଯଖପୁରା, ୧୬।୩(ସମିସ)

ଟାଟା ପାୱାରର କାର୍ଯ୍ୟରେ ଉପଭୋକ୍ତ ଅତିଷ୍ଠ। କେଉଁଠି ଟାଟା ପାୱାରର ମିଟର ରିଡିଂକୁ ନେଇ ତ କେଉଁଠି ଉପଭୋକ୍ତାଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେବାରେ ଅବ୍ୟବସ୍ଥା ହେଉଥିବା ଦେଖିବାକୁ ମିଳୁଛି। ଠିକ୍ ସମୟରେ ବିଲ୍ ପୈଠ ନ କଲେ ସଙ୍ଗେ ସଙ୍ଗେ ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଉଛି। କିନ୍ତୁ ସେବାପାଇଁ ବାରମ୍ବାର ଜଣାଇବା ପରେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏମିତି ଚିତ୍ର ଦେଖିବାକୁ ମିଳିଛି ପଙ୍କପାଳ ପଞ୍ଚାୟତର ପଙ୍କପାଳ ଗ୍ରାମରେ। ପଙ୍କପାଳ ଗ୍ରାମରେ ଥିବା ଚାରୋଟି ଟ୍ରାନ୍ସଫର୍ମର ବସାଯାଇଥିଲେ ମଧ୍ୟ ଚାରିପାର୍ଶ୍ୱରେ କୌଣସି ଆକଟର ବ୍ୟବସ୍ଥା କରାଯାଇନାହିଁ। ସେଥିମଧ୍ୟରୁ ଗୋଟିଏ ଟ୍ରାନ୍ସଫର୍ମର ଅତି ବିପଦଜନକ ଅବସ୍ଥାରେ ରହିଛି। ଯାହାର ଗୋଟିଏ ପାର୍ଶ୍ୱରେ ହନୁମାନ



ମନ୍ଦିର, ଗୋଟିଏ ପାର୍ଶ୍ୱରେ ଖେଳପଡ଼ିଆ ଓ ଅନ୍ୟଏକ ପାର୍ଶ୍ୱରେ ଚାରିଛକ ଥିବାରୁ ଏହି ଟ୍ରାନ୍ସଫର୍ମରଟି ଅତି ବିପଦ ଅବସ୍ଥାରେ ରହିଛି। ଗ୍ରାମବାସୀଙ୍କ କହିବା କଥା, ଯେପରି ଠିକ୍ ସମୟରେ ବିଦ୍ୟୁତ୍ ବିଲ ନେଉଛନ୍ତି, ସେମିତି ସମସ୍ତ ଚାରିଗୋଟି ଟ୍ରାନ୍ସଫର୍ମରକୁ ଚାରିପଟ ଆବଦ୍ଧ ପାଇଁ ବ୍ୟବସ୍ଥା କରାଯାଉ। ଦେଖିବାକୁ ଗଲେ ଅନ୍ୟ ଗ୍ରାମରେ ଯେପରି ଟ୍ରାନ୍ସଫର୍ମରର ସୁରକ୍ଷା ପାଇଁ ଚାରିପଟ ଲୁହାର ବାଡ଼ କରାଯାଇଛି। ଏଠାରେ ସେପରି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ। ଯଦି ଶୀଘ୍ର ଏହାର ବ୍ୟବସ୍ଥା ନ କରାଯାଏ, ତେବେ ଗ୍ରାମବାସୀ ଆଗାକୁ ଟାଟା ପାୱାର ବିରୁଦ୍ଧରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଶନିଶ୍ଚର ମହାଦେବଙ୍କ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ

ଯାଜପୁର, ୧୬।୩(ସମିସ): ଯାଜପୁର ବ୍ଲକର ମହେଶ୍ୱରପୁର ପଞ୍ଚାୟତ ଓ ରସୁଲପୁର ବ୍ଲକର ନରସିଂହପୁର ପଞ୍ଚାୟତର ମଧ୍ୟସ୍ଥଳ ମହେଶ୍ୱରପୁର ସନିତୋଟାରେ ପ୍ରଭୁ ସନିଶ୍ଚର ମହାଦେବଙ୍କ ୧୪ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଚାଲିଛି। ୧୪ ତାରିଖରେ ଅଧିବାସ, ଅଙ୍କୁରାରୋପଣ ଓ ମଣ୍ଡପ ସୋଧନ କରାଯାଇଥିବାବେଳେ ୧୫ ତାରିଖରେ ଖରସ୍ରୋତା ନଦୀର ରାଜଘାଟରୁ ୧୩୧ ଜଣ ପୁରୁଷ ଓ ମହିଳା ବ୍ରତଧାରି ସଂକଳ୍ପ ପୂର୍ବକ ପବିତ୍ର ଜଳ ଧାରଣ କରି ବିରାଟ ଶୋଭାଯାତ୍ରାରେ ଆସି ଯଜ୍ଞ ସ୍ଥଳରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ପରେ ସୂର୍ଯ୍ୟପୂଜା, ଗୋପୂଜା, ଗୁରୁ ପୂଜା କରି ଯଜ୍ଞାଗ୍ନି ସ୍ଥାପନ, ମଣ୍ଡପ ସ୍ଥଳ ଦେବତା ପୂଜନ ଓ ମୂଳମନ୍ତ୍ର ସ୍ଥାପନ କରାଯାଇଥିଲା। ୧୬ ତାରିଖ ଶନିବାର ପ୍ରତ୍ୟୁଷରେ ସନିଦେବଙ୍କ ମହାସ୍ନାନ ଓ ବଡ଼ସିଂହାର ବେଶ ହୋଇ ସନିଦେବ, ନବଗ୍ରହ ପୂଜନ ଓ ଗୀତା ଯଜ୍ଞ କରାଯାଇଥିଲା। ଏହି ଯଜ୍ଞ କାର୍ଯ୍ୟକ୍ରମରେ ପଣ୍ଡିତ ରମେଶ ଚନ୍ଦ୍ର ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରମୋଦ ପଣ୍ଡା, ଅଭିମନ୍ୟୁ ପତି, ବାବନ ପତି, ନିଶିକାନ୍ତ ପତି ଓ ସହଯୋଗୀ ବାବୁ ବାରିକ ନିୟୋଜିତ ଥିବାବେଳେ କର୍ତ୍ତା ଭାବେ ଅମିତ୍ ରାଉତ, କର୍ତ୍ତୀ ସୁନୀତା ରାଉତ, ଉପକର୍ତ୍ତା ଭାବେ ଯତୀନ୍ଦ୍ର ସାହୁ ଓ ଇନ୍ଦୁମତି ସାହୁ ଯଜ୍ଞକାର୍ଯ୍ୟ ସମ୍ପାଦିତ କରୁଛନ୍ତି। ପ୍ରତ୍ୟେକ ଦିନ ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ହେଉଛି। ଆସନ୍ତାକାଲି ଯଜ୍ଞ ମଣ୍ଡପରେ ଦଶମହାବିଦ୍ୟା ପୂଜା, ଚଣ୍ଡୀ ଯଜ୍ଞ ପରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବ ବୋଲି ଯଜ୍ଞ କମିଟି କର୍ମକର୍ତ୍ତା ଆତୁଳ ବାରିକ, ଉମେଶ ବରାଳ, ରମେଶ ରଣା, ପରମାନନ୍ଦ ସାହୁ, ପ୍ରଶାନ୍ତ ଘଡ଼ାଇ, ମଦନ ରାଉତ ଓ ଲକ୍ଷ୍ମୀକାନ୍ତ ଦାସ ସୂଚନା ଦେଇଛନ୍ତି।

# ପତ୍ନୀଙ୍କ ଚିକିତ୍ସା ପାଇଁ ଅର୍ଥାଭାବ ବାଧକ; ସହାୟତା ନିବେଦନ

ପାଣିକୋଇଲି, ୧୬।୩(ସମିସ)



କଥାରେ ଅଛି, ଦୁଃଖ ଯେତେବେଳେ ଆସେ ନିଜର ସମ୍ପର୍କୀୟଙ୍କୁ ସାଙ୍ଗରେ ନେଇ ଆସେ। ଯିଏ ଦିନେ ଜଣକର ଅସମୟରେ ଛିଡ଼ା ହେଉଥିଲା ଆଜି ସେ ନିଜର ପତ୍ନୀଙ୍କ ଦୁରାରୋଗ୍ୟର ଚିକିତ୍ସା ନିମନ୍ତେ ସର୍ବସ୍ୱାନ୍ତ ହେବା ପରେ ଅନ୍ୟର ସହାୟତା ଚାହୁଁଛନ୍ତି। ମା' ଚାଲିଗଲେ କ୍ୟାନସର ରୋଗରେ। ପତ୍ନୀ ପୂଜା ଏବେ କିଡ଼ନୀ ରୋଗରେ ପୀଡ଼ିତା। ଚିକିତ୍ସା ଲାଗି ଖର୍ଚ୍ଚ ହେବ ୧୮ ଲକ୍ଷ ଟଙ୍କା। ଓଡ଼ିଶାବାସୀ ସହାୟତା କଲେ ହୁଏତ ମୋର ପତ୍ନୀ ଓ ଛୋଟ ଛୁଆ ବଞ୍ଚିଯିବେ। ଏ ହେଉଛି କୋରେଇ ବ୍ଲକ ପଥରପଦା ପଞ୍ଚାୟତ ଅନ୍ତର୍ଗତ ତାଜପୁର ଗ୍ରାମର ଦେବବ୍ରତ ଚକ୍ରବର୍ତ୍ତୀଙ୍କ ଦୁଃଖ କାହାଣୀ।

ଦେବବ୍ରତ ଠିକା କର୍ମଚାରୀ ଭାବେ ଜିନ୍ଦଲ ଷ୍ଟିଲ ପ୍ଲାଣ୍ଟରେ କ୍ରେନ ଅପରେଟର ଭାବେ କାର୍ଯ୍ୟ କରୁଥିଲେ। ଯାହା କିଛି ରୋଜଗାର କରୁଥିଲେ ସେଥିରେ ଦୁଃଖେକଷ୍ଟେ ଚଳିଯାଉଥିଲେ। ମାତ୍ର ଗତବର୍ଷ ମେ ମାସରେ ପତ୍ନୀଙ୍କ ବାରମ୍ବାର ବାନ୍ତି ହେବାରୁ ପରୀକ୍ଷା ନିରୀକ୍ଷା ପରେ ଜଣାପଡ଼ିଲା ଯେ ତାଙ୍କର ଦୁଇଟି ଯାକ କିଡ୍‌ନୀ ନଷ୍ଟ ହୋଇଯାଇଛି। ଏ କଥା ଜାଣିବା ପରେ ମୁଣ୍ଡରେ ବଜ୍ର ପଡ଼ିଲା। ଦେବବ୍ରତ କିନ୍ତୁ ମନକୁ ଦୃଢ଼ କରି ଜୁନ ମାସରୁ ଧାର କରଜ କରି ପତ୍ନୀଙ୍କ ପ୍ରତି ମାସରେ ଡାଏଲିସିସ ଚାଲୁ ରଖିଛନ୍ତି। ପତ୍ନୀ ପୂଜା ମଧ୍ୟ ଡାଏଲିସିସର କଷ୍ଟକୁ ସହିପାରୁନାହାନ୍ତି। ତେବେ ତାଙ୍କର ଶାଶୂ ଗୋଟିଏ କିଡ୍‌ନୀ ଦେବା ଲାଗି ସ୍ଥିର ହୋଇସାରିଥିବାବେଳେ ଅସ୍ତ୍ରୋପଚାର ଲାଗି ଅର୍ଥ ନାହିଁ ତାଙ୍କ ନିକଟରେ। ସେପଟେ କଟକ ବଡ଼ ଡାକ୍ତରଖାନାରେ ଯୋଗାଯୋଗ କରିବାରୁ ତିନି ମାସ ପୂର୍ବରୁ ତାଙ୍କର ନମ୍ବର ପଡ଼ିବନି ବୋଲି ଜାଣି ବାଧ୍ୟ ହୋଇ ଭୁବନେଶ୍ୱରର ଏକ ବେସରକାରୀ ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଛନ୍ତି। ଡାକ୍ତର ମଧ୍ୟ ତୁରନ୍ତ କିଡ୍‌ନୀ ପ୍ରତ୍ୟାରୋପଣ ଲାଗି କହିସାରିଲେଣି। ଏପଟେ ପତ୍ନୀଙ୍କ ଡାଏଲିସିସ ଓ ଚେକଅପ ଲାଗି ବାରମ୍ବାର ଡାକ୍ତରଖାନା ଯିବାକୁ ପଡୁଥିବାରୁ ବାଧ୍ୟ ହୋଇ ସେ ନିଜ ଚାକିରିରୁ ସ୍ୱେଚ୍ଛାକୃତ ଭାବେ ବାହାରି ଆସିଛନ୍ତି।

ଗୋଟିଏ ପଟେ ପତ୍ନୀଙ୍କ ଜୀବନ ବଞ୍ଚାଇବା ଲାଗି ଲକ୍ଷାଧିକ ଟଙ୍କାର ଆବଶ୍ୟକତା, ଅନ୍ୟ ପଟେ ବଞ୍ଚିବା ଲାଗି ଜୀବିକାର ଆବଶ୍ୟକତା। ଅଭାବ ଅନଟନ ଭିତରେ ଧାର କରଜ କରି ପତ୍ନୀଙ୍କ ଜୀବନ ବଞ୍ଚାଇବା ଲାଗି ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି ସେ। ଦେବବ୍ରତ ପାଣିକୋଇଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପର ଜଣେ ସକ୍ରିୟ ସଦସ୍ୟ। ବହୁ ସମୟରେ ସେ ରାସ୍ତା ଦୁର୍ଘଟଣାରେ ପୀଡ଼ିତ ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ପହଞ୍ଚାଇଛନ୍ତି। ତାଙ୍କରି ଏଭଳି ଦୁଃଖ ସମୟରେ ସହାୟତା କରିବା ଲାଗି ସେ ଓଡ଼ିଶାବାସୀଙ୍କୁ ଅନୁରୋଧ କରିଛନ୍ତି।

## ବିଭିନ୍ନ ସ୍ଥାନରେ ପୁଲିସର ଫ୍ଲାଗ୍ ମାର୍ଚ୍ଚ

ପାଣିକୋଇଲି, ୧୬।୩ (ସମିସ): ଆଜି ସାଧାରଣ ନିର୍ବାଚନର ତାରିଖ ଘୋଷଣା କରାଯାଇଛି। ଏହି ନିର୍ବାଚନକୁ ଆଖି ଆଗରେ ରଖି ପାଣିକେଇଲି ପୁଲିସ ପକ୍ଷରୁ ତିନୋଟି ପଞ୍ଚାୟତ ସମେତ ପାଣିକୋଇଲିରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଥାନା ଅଧିକାରିଣୀ ଲିଜାରାଣୀ ବିଶ୍ୱାଳଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ପ୍ରକାଶ ଚନ୍ଦ୍ର ପ୍ରଧାନ, ବିଶ୍ୱରଞ୍ଜନ ମଲ୍ଲିକ ଓ ହାବିଲଦାର ସୁଲୋଚନା ବେହେରା, ସଦଳବଳେ ଯବାନଙ୍କ ସହ ଏହି ଫ୍ଲାଗ ମାର୍ଚ୍ଚରେ ସାମିଲ ହୋଇଥିଲେ। ପ୍ରଥମେ ଜହ୍ନା ଓ ପରେ ଗୋଳେଇପୁର, ମୂଳାପାଳ ପଞ୍ଚାୟତରେ ଫ୍ଲାଗ ମାର୍ଚ୍ଚ ପରେ ପାଣିକୋଇଲି ବଜାରରେ ଫ୍ଲାଗ ମାର୍ଚ୍ଚ କରାଯାଇଛି।



ସକାଳ
THE SAKALA



# ଅବଧି ସରିବାର ୯ମାସ ପରେ ବି ସରୁନି ପ୍ରକଳ୍ପ

ବନ୍ତ/ଆଗରପଡ଼ା, ୧୬।୩(ସମିସ)



ଅବଧି ସରିବାର ୯ମାସ ପରେବି ପ୍ରକଳ୍ପ ନିର୍ମାଣ ସରୁନଥିବାରୁ ଶୁଦ୍ଧ ପାନୀୟ ଜଳ ପାଇବା ନେଇ ଚିନ୍ତା ପ୍ରକଟ କରିଛନ୍ତି ଅଞ୍ଚଳବାସୀ। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ଅନ୍ତର୍ଗତ ବୋଡ଼କମହାଜିବ ଠାରେ ନିର୍ମାଣାଧୀନ ପାନୀୟ ଜଳଯୋଗାଣ ପ୍ରକଳ୍ପ ଠାରେ।। କାର୍ଯ୍ୟସ୍ଥଳୀ ନିକଟରେ ସ୍ଥାପିତ ସୂଚନା ଫଳକରେ ଲିପିବଦ୍ଧ ସୂଚନା ଅନୁଯାୟୀ ଓଡ଼ଙ୍ଗ ପଞ୍ଚାୟତର ବୋଡ଼କମହାଜିବ ଓ ବୋଡ଼କପାଟଣା ଗ୍ରାମବାସୀଙ୍କ ନିମନ୍ତେ ବୋଡ଼କମହାଜିବ ଠାରେ ୨୦୨୨-୨୩ ଆର୍ଥିକ ବର୍ଷରେ ୧କୋଟି ୫୮ଲକ୍ଷ ୨୯ହଜାର୨୯୩ଟଙ୍କା ଅଟକଳ ମୂଲ୍ୟରେ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ଏହାର ନିର୍ମାଣ କାର୍ଯ୍ୟ ୨୦୨୨ ଅଗଷ୍ଟ ମାସ ୩ ତାରିଖରେ ଆରମ୍ଭ ହୋଇ ୨୦୨୩ ଜୁଲାଇ ମାସ ୩ ତାରିଖରେ ଶେଷ ହେବା କଥା। କିନ୍ତୁ ଇତି ମଧ୍ୟରେ ଅବଧି ସରିବାର ୯ମାସ ପରେବି ଏଠାରେ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। କାଁ ଭାଁ କିଛି ଜାଗାକୁ ଛାଡ଼ି ପାଇପ ପିଛାଇବା କାର୍ଯ୍ୟ ଅଦ୍ୟାବଧି ସରିଯାଇଥିବା ବେଳେ ଗୃହ ନିର୍ମାଣ ଓ ଟାଙ୍କି ନିର୍ମାଣ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ତେଣୁ ସରକାରଙ୍କ ଧାର୍ଯ୍ୟ ସମୟରେ ଏହା କାର୍ଯ୍ୟକ୍ଷମ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଉକ୍ତ ପଞ୍ଚାୟତ ଅନ୍ତର୍ଗତ ବୋଡ଼କପାଟଣା ଠାରେ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବା ଉଦ୍ଦେଶ୍ୟରେ ବିଭାଗ ତରଫରୁ ୨୦୧୬-୧୭ ଆର୍ଥିକ ବର୍ଷରେ ଅର୍ଥ ମଞ୍ଜୁର ହୋଇ ପାଇପ ଯୋଗେ ଜଳଯୋଗାଣ ବ୍ୟବସ୍ଥା କରାଯାଇଥିଲା। ବସୁଧା ଯୋଜନାରେ ଜଳଯୋଗାଣ ପ୍ରକ୍ରିୟା କାର୍ଯ୍ୟ ଆରମ୍ଭ ହେବା ଦିନ ଠାରୁ ଏଠାରେ ଉକ୍ତ ପ୍ରକଳ୍ପଟି ସଂପୂର୍ଣ୍ଣ ଫେଲ ମାରିବା ସହ ପାନୀୟ ଜଳଯୋଗାଣ ଠପ୍ ହୋଇପଡ଼ିଛି। ପ୍ରକଳ୍ପ ନିର୍ମାଣ ସମୟରେ ପାଖାପାଖି ୩୫ଟି ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ସମସ୍ତ ପୋଷ୍ଟ ଅକାମୀ ହୋଇ ପଡ଼ିଛି। କାହାର ଟ୍ୟାପ୍ ନାହିଁତ କେଉଁଠି ପାଇପ୍ ମଧ୍ୟ ନାହିଁ। ଏଥିରେ ଜଳ ଯୋଗାଣବି ସଂପୂର୍ଣ୍ଣ ବନ୍ଦ ରହିଛି। ତେଣୁ କୋଟିକୋଟି ଟଙ୍କାରେ ନିର୍ମିତ ପ୍ରକଳ୍ପକୁ ଦୀର୍ଘ ସ୍ଥାୟୀ କରିବା ଓ ସମୟ ଅବଧି ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀ ଚେଷ୍ଟିତ ହେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ଅସରାଏ ବର୍ଷାରେ ଜଳାର୍ଣ୍ଣବ ବନ୍ତ ବଜାର

**ବନ୍ତ/ଆଗରପଡ଼ା, ୧୬।୩(ସମିସ):** ଭଦ୍ରକ-ଆନନ୍ଦପୁର ମୁଖ୍ୟ ରାସ୍ତାର ମଧ୍ୟ ସ୍ଥଳରେ ବନ୍ତ ବଜାର ଅବସ୍ଥିତ। ଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ ଆରମ୍ଭ ହୋଇଥିଲେ ବି ସମ୍ପୂର୍ଣ୍ଣ ହୋଇପାରିନାହିଁ। ଫଳରେ ଅସରାଏ ବର୍ଷାରେ ବଜାର ଅଞ୍ଚଳ ଜଳାର୍ଣ୍ଣବ ହେଉଛି। ଅନ୍ୟପକ୍ଷରେ ଏହି ବଜାର ସୌନ୍ଦର୍ଯ୍ୟକରଣ ସହ ଯାତ୍ରୀଙ୍କ ସୁବିଧା ପାଇଁ ରାସ୍ତାକୁ କିଛି ମାସ ହେବ ଦୁଇ ଲାଇନ୍ ବିଶିଷ୍ଟ କରାଯାଇଛି। ହେଲେ ରାସ୍ତାର ସମ୍ପ୍ରସାରଣ, ଷ୍ଟାଣ୍ଡର ବ୍ୟବସ୍ଥା ହୋଇ ନଥିବାରୁ ଏହା ଯାତ୍ରୀଙ୍କ ପାଇଁ ସମସ୍ୟା ସାଜୁଛି। ଦୁଇ ଲାଇନ ରାସ୍ତାରେ ବହୁ ସଂଖ୍ୟକ ଗାଡ଼ି ଗୁଡ଼ିକ ଯାତାୟତ କରୁଛି। ଉଭୟ ପାଖ ରାସ୍ତା ସଙ୍କିର୍ଣ୍ଣ ଥିବାରୁ ଉକ୍ତ ରାସ୍ତା ଦେଇ ଯାତାୟତ କରିବାରେ ସମସ୍ୟା ସାଜୁଛି। ଏହି ବ୍ୟସ୍ତ ବହୁଳ ରାସ୍ତାରେ ପଥଚାରୀଙ୍କ ଠାରୁ ଯାତ୍ରୀମାନେ ଏକପାଖରୁ ଅନ୍ୟପାଖକୁ ଯିବାରେ ସମସ୍ୟା ସାଜୁଛି। ଅନ୍ୟପକ୍ଷରେ ଡ୍ରେନେଜ ବ୍ୟବସ୍ଥା ପାଇଁ ଖୋଳାଯାଇଥିବା ଖାତ ଏବେ ପୋତି ହେବାକୁ ବସିଲାଣି। କିଛି ବର୍ଷ ହେବ ନିର୍ମାଣ ହୋଇଥିବା ଡ୍ରେନ ଭାଙ୍ଗିବାକୁ ବସିଥିଲେ ମଧ୍ୟ ଏହାର କାର୍ଯ୍ୟ ସରିପାରୁନି। ଫଳରେ ଜଳନିଷ୍କାସନର ସୁବ୍ୟବସ୍ଥା ହୋଇପାରିନଥିବାରୁ ଅସରାଏ ବର୍ଷା ହେଲେ ରାସ୍ତାରେ ବର୍ଷାଜଳ ଜମିରହିବା ଦ୍ୱାରା ନାନା ସମସ୍ୟା ସୃଷ୍ଟି ହେଉଛି। ଉକ୍ତ ରାସ୍ତାର ଉଭୟପାର୍ଶ୍ୱରେ ବିଭିନ୍ନ ଦୋକାନ, ଥାନା, ବ୍ଲକ, ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବିଦ୍ୟାଳୟ, ଅଫିସ କାର୍ଯ୍ୟାଳୟ ସହ ଚାରି ଗୋଟି ବ୍ୟାଙ୍କ ଥିବାରୁ ପ୍ରତିଦିନ ବହୁ ଜନସାଧାରଣ ବିଭିନ୍ନ କାର୍ଯ୍ୟରେ ଆସି ରାସ୍ତା ପାଖ ସଂକୀର୍ଣ୍ଣ ରହୁଥିବାରୁ ବାଇକ ଆଦିକୁ ରସ୍ତା ପାଖରେ ରଖିବାକୁ ବାଧ ହେଉଛନ୍ତି। ଉଭୟପାର୍ଶ୍ୱ ରାସ୍ତା ଦେଇ ବସ୍ କିମ୍ବା ଟ୍ରକ ଯାତାୟତ ସମୟରେ ରାସ୍ତା ଏତେ ସଂକୀର୍ଣ୍ଣ ହୋଇଛି ଯେ ତାହା ପାଖ ଦେଇ ପଥଚାରୀଙ୍କ ଠାରୁ ବାଇକ ଆରୋହିମାନେ ଯାତାୟତରେ ସମସ୍ୟା ସୃଷ୍ଟି ହେଉଛି। ବଜାର ରାସ୍ତାର ଉଭୟ ପାର୍ଶ୍ୱକୁ ସଂପ୍ରସାରଣ ନକରି ଏକ ଲାଇନ ରାସ୍ତାକୁ ଦୁଇ ଲାଇନ ବିଶିଷ୍ଟ କରାଯାଇ ଥିବାରୁ ଯାତାୟତର ସମସ୍ୟାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି। ତେଣୁ ବଜାର ସମସ୍ୟାକୁ ଗୁରୁତ୍ୱ ଦେଇ ଜଳ ନିଷ୍କାସନର ସୁବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।



# ମା'ମଙ୍ଗଳାଙ୍କ ସାମ୍ବତ୍ସରିକ ଉତ୍ସବ



**ବନ୍ତ/ଆଗରପଡ଼ା, ୧୬।୩(ସମିସ):** ବନ୍ତ ବ୍ଲକ ବସନ୍ତିଆର ଆଦ୍ୟାଶକ୍ତି ମା'ମଙ୍ଗଳାଙ୍କ ପୀଠରେ ୫ମ ସାମ୍ବତ୍ସରିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳବାସୀଙ୍କ ଦ୍ୱାରା ଚୌଧୁରୀପୋଖରୀରୁ ୧୦୮ କଳସ ଜଳ ଶୋଭାଯାତ୍ରାରେ ଅଣାଯାଇ ମଣ୍ଡପରେ ସ୍ଥାପନ କରାଯାଇଥିଲା। ପ୍ରତ୍ୟୁଷରୁ ସୂର୍ଯ୍ୟପୂଜା, ଗୋ'ପୂଜା ପରେ ମା'ଙ୍କୁ ସ୍ନାନ କରାଯାଇ ଷୋଡ଼ଶ ଉପଚାର ପୂଜାର୍ଚ୍ଚନା କରାଯିବା ସହ ଘୃତଯଜ୍ଞ କରାଯାଇଥିଲା। ୫ ଦିନ ଧରି ଚାଲିବାକୁ ଥିବା ଉକ୍ତ ଉତ୍ସବରେ ପୂଜକ ଭାବେ ପଣ୍ଡିତ ଶକ୍ତିଧର ମିଶ୍ର ଓ ଦିଲ୍ଲିପ ମିଶ୍ର ପୂଜାକାର୍ଯ୍ୟ ସଂପାଦନ କରୁଛନ୍ତି। ମା'ଙ୍କ ଦର୍ଶନ ପାଇଁ ବସନ୍ତିଆ ସମେତ ସିଳନ୍ଦୀ, ବିରଞ୍ଚିପୁର, ଆପଣ୍ଡା, ମନୋହରପୁର ଏବଂ ମରୈଗାଁ ଆଦିରୁ ଶହଶହ ଶ୍ରଦ୍ଧାଳୁଙ୍କ ଆଗମନ ହେଉଛି।

# କଳାକାରଙ୍କ ସ୍ମୃତିଚାରଣ ସଭା

**ଦୋବଲ, ୧୬।୩(ସମିସ):** ଦୋବଲ ପଞ୍ଚାୟତ ସୋଧ ଗ୍ରାମର କଳାକାର ତଥା ମୂର୍ତ୍ତି କାରିଗର ଗଙ୍ଗାଧର ନାୟକଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ଶିକ୍ଷାବିତ ଭୋଳାନାଥ ସାହୁଙ୍କ ସଂଯୋଜନାରେ ଅତିଥି ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ ଓ ବିନୋଦ ବିହାରୀ ନାୟକ, ଏନ୍ଏସି ଅଧ୍ୟକ୍ଷା ନିବେଦିତା ଜେନା, ଶିକ୍ଷାବିତ ପ୍ରଶାନ୍ତ ବିଶ୍ୱାଳ, ହୃଦାନନ୍ଦ କର, ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର, ପ୍ରତାପ ସାମଲ, ଦୟାନିଧି ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ନାୟକ ଜଣେ ବର୍ଷିୟାନ ଯାତ୍ରା କଳାକାର ସହିତ ନିଜ ଗାଁ ନାଟକରେ ନିର୍ଦ୍ଦେଶନା ଦିଅନ୍ତି। ଏଥିସହିତ ଜଣେ ସଫଳ ମୂର୍ତ୍ତି କାରିଗର ଭାବେ ଆଖପାଖ ଅଞ୍ଚଳରେ ବେଶ ପରିଚିତ ଥିଲେ। ତାଙ୍କର ବିୟୋଗ ଏ ଅଞ୍ଚଳ ପାଇଁ ଅପୂରଣୀୟ କ୍ଷତି ହୋଇଛି ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗବନ୍ଧୁ ପ୍ରଧାନ, ପ୍ରମୋଦ ନାୟକ, ତପନ ଦ୍ୱିବେଦୀ, ଗୌରାଙ୍ଗ ଚନ୍ଦ୍ର ମଲ୍ଲିକ, ସୁଶାନ୍ତ ପଣ୍ଡା, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଓ ଦଶରଥୀ ଗାହଣଙ୍କ ସମେତ ବହୁ ଲୋକ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



# ଅନାବଶ୍ୟକ ଚେକ୍‌ଡ୍ୟାମ ମରାମତି ଅଭିଯୋଗ

**ଧାମନଗର, ୧୬।୩(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତ ଅଧୀନସ୍ଥ ପଳିକିରୀ ଗ୍ରାମର ମଧ୍ୟ ଭାଗରେ ବହି ଯାଇଥିବା ଯନ୍ତନଦୀର ଉପର ମୁଣ୍ଡରେ ବିଗତ କିଛି ବର୍ଷ ତଳେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟବରାଦରେ ଚେକ୍‌ଡ୍ୟାମ ନିର୍ମାଣ ହୋଇଥିଲା। ଏଥି ସହିତ ଏହି ପଞ୍ଚାୟତ ଅନ୍ତର୍ଗତ ଗୁଆଲଡିହ ଠାରେ ସମ୍ପୃକ୍ତ ନଦୀରେ ଅନ୍ୟ ଏକ ଚେକ୍‌ଡ୍ୟାମ ନିର୍ମାଣ ହୋଇଥିଲା। ସେବେଠାରୁ ଏହା କୌଣସି କାମରେ ଆସୁନଥିଲା କାରଣ ଏହାଦ୍ୱାରା ଜଳ ସଂରକ୍ଷଣ ହୋଇନି କି ଖରିଫ ଧାନ ସମୟରେ ଏହି ଚେକ ଡ୍ୟାମର ଆବଶ୍ୟକତା ନାହିଁ। ପୂର୍ବରୁ ନିର୍ମିତ ଏହି ବନ୍ଧର ପାର୍ଶ୍ୱ କାନ୍ଥରେ ସୁରକ୍ଷା ବାଡ଼ା ନଥିବାରୁ ଏଯାବତ ବିପଦ ସୃଷ୍ଟି କରୁଛି। ତେଣୁ ଏହି ବନ୍ଧର ଆବଶ୍ୟକ ନଥିବା ବେଳେ କେବଳ ଯନ୍ତ୍ରୀ ଓ ଠିକାଦାର ସମେତ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଏହି ପ୍ରକଳ୍ପ ନିର୍ମାଣ ହୋଇ ଅର୍ଥ ଲୁଟ ହେଉଛି। ବିଗତ କିଛିବର୍ଷ ଧରି ଏହି ବେଦରକାରୀ ଚେକ ଡ୍ୟାମ ଅଧାପନ୍ତରିଆ ହୋଇ ପଡ଼ିଥିବା ବେଳେ ଏବେ ପ୍ରତ୍ୟେକ ବନ୍ଧ ପ୍ରତି ୪ ଲକ୍ଷ ୨୬ ହଜାର ଟଙ୍କା ଅଟକଳରେ ନାମକୁ ମାତ୍ର ମରାମତି ଚାଲିଛି। ଏହି ଦୁଇଟି ଅଦରକାରୀ ପ୍ରକଳ୍ପ ପାଇଁ ପାଖାପାଖି ଦଶ ଲକ୍ଷ ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ କିଏ ଦେଲା ଓ କାହା ଆବଶ୍ୟକ ପାଇଁ ଦେଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମ୍ପୃକ୍ତ ଠିକାଦାର, ଲାଞ୍ଚୁଆ କର୍ମଚାରୀ ଓ ଯନ୍ତ୍ରୀ ଏଥିରୁ ନିବୃତ ନହେଲେ ଗ୍ରାମବାସୀ ତଥା ଚାଷୀମାନେ ଜିଲ୍ଲାପାଳଙ୍କ ନିକଟରେ ଦ୍ୱାରସ୍ଥ ହେବେ ବୋଲି ସତର୍କ କରାଇଛନ୍ତି।



# ଦୁଇ ରାସ୍ତାର ଶିଳାନ୍ୟାସ



**ବନ୍ତ/ଆଗରପଡ଼ା, ୧୬।୩(ସମିସ):** ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଦ୍ୱାରା ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଦୁଇଟି ନୂତନ ରାସ୍ତାର ଶିଳାନ୍ୟାସ କରାଯାଇଛି। ଗୋଟିଏ ରାସ୍ତା ରାଜ୍ୟ ରାଜପଥର କାଶିପୁର ଛକରୁ କନ୍ତିଆ ଚଣ୍ଡୀ ଛକ ଭାୟା ଇଚ୍ଛାପୁର, ବରଦା ଶାସନକୁ ସଂଯୋଗ କରୁଥିବା ବେଳେ ଅନ୍ୟଟି ମୁଖ୍ୟ ରାଜପଥକୁ ତଳହାସିନପୁର ହନୁମାନ ମନ୍ଦିର ଭାୟା ଦାସସାହି, ମୁଣ୍ଡା ସାହି, ବୃନ୍ଦାବନପୁର, ରୁପୁଡ଼ି ଆର୍‌ଡ଼ି ରୋଡ୍ ପର୍ଯ୍ୟନ୍ତ ସଂଯୋଗ କରୁଛି। ଏହି ଦୁଇଟି ରାସ୍ତାରେ ତିନୋଟି ପଞ୍ଚାୟତର ଅଧିବାସୀ ଉପକୃତ ହେବେ ବୋଲି କୁହାଯାଉଛି। ଉକ୍ତ ଦୁଇ ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଅନେକ ଦିନ ଧରି ଦାବି ହୋଇ ଆସୁଥିଲା। ଉକ୍ତ ଶିଳାନ୍ୟାସ ଉତ୍ସବରେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଂଜନ ଘଡ଼େଇ, ପ୍ରଗତିବାଳା ସ୍ୱାଇଁ, ଯୁବନେତା ବିପିନ ନାୟକ, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ, ପରମେଶ୍ୱର ବାରିକ, ଲାଲା ସ୍ୱାଇଁ, ଭୀମସେନ ସାମଲ, ଜଗନ୍ନାଥ ପାଣିଗ୍ରାହୀ, ଶ୍ରୀକାନ୍ତ ସାହୁଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# ଉନ୍ନତିମୂଳକ ପ୍ରକଳ୍ପର ଉଦ୍‌ଘାଟନୀ ଉତ୍ସବ

**ଅସୁରାଳି, ୧୬।୩(ସମିସ):** କଲେଇ ପଞ୍ଚାୟତ ଅନ୍ତର୍ଗତ ଚୁନିଦା ଠାରେ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ଯୋଗ ଦେଇଥିଲେ। ତାଙ୍କ ସହିତ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଉପାଧ୍ୟକ୍ଷ ମୁକୁନ୍ଦଦେବ୍ ସାମଲ, ସ୍ଥାନୀୟ ସରପଞ୍ଚ ନିରଞ୍ଜନ ମଲ୍ଲିକ, ଯୁବନେତା ତାପସ ରାୟ, ମହେନ୍ଦ୍ର ମଲ୍ଲିକ, ସୁନିଲ ଲେଙ୍କା, ପୂର୍ବତନ ସମିତି ସଭ୍ୟ ନିତ୍ୟାନନ୍ଦ ବେହେରା, ସମିତି ସଭ୍ୟା ଅହଲ୍ୟା ମଲ୍ଲିକ ପ୍ରମୁଖ ଯୋଗ ଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ମା' କ୍ଷେତ୍ରବାସୀ ମନ୍ଦିର, ମା ସ୍ୱପ୍ନେଶ୍ୱରୀ ମନ୍ଦିର ପ୍ରାଙ୍ଗଣ ଉନ୍ନତିକରଣ, ଗ୍ରାମାଞ୍ଚଳ ପାର୍କର ଶୁଭ ଉଦ୍‌ଘାଟନୀ ଉତ୍ସବ, ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଏବଂ ଆମ ଅଙ୍ଗନବାଡ଼ି କେନ୍ଦ୍ରର ଶୁଭ ଉଦ୍‌ଘାଟନ ହୋଇଥିଲା।



# ୯୪୫୫ ପ୍ରିଜାଇଡ଼ିଂ ଓ ପୋଲିଂ ଅଧିକାରୀ ନେଉଛନ୍ତି ତାଲିମ

**ଭଦ୍ରକ, ୧୬।୩(ସମିସ):** ଆସନ୍ତା ସାଧାରଣ ନିର୍ବାଚନ ୨୦୨୪ ଉପଲକ୍ଷେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀମାନଙ୍କ ପାଇଁ ପ୍ରଥମ ପର୍ଯ୍ୟାୟ ତାଲିମ୍ କାର୍ଯ୍ୟକ୍ରମ ଶୁକ୍ରବାରଠାରୁ ଚାଲିଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ୭ଗୋଟି ବ୍ଲକ, ୨ଟି ପୌରପାଳିକ ଓ ୨ଟି ଏନ୍ଏସିର ନିର୍ଦ୍ଧାରିତ କେନ୍ଦ୍ର ମାନଙ୍କରେ ଧାର୍ଯ୍ୟ କାର୍ଯ୍ୟସୂଚୀ ଅନୁଯାୟୀ ଏହି ତାଲିମ୍ ପ୍ରଦାନ କାର୍ଯ୍ୟଚାଲିଛି। ସୂଚନା ଯୋଗ୍ୟ, ଜିଲ୍ଲାର ସମସ୍ତ ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ତଥା ପୌରାଞ୍ଚଳକୁ ମିଶାଇ ସମୁଦାୟ ୯୪୫୫ ଜଣ ପ୍ରିଜାଇଡିଂ ଏବଂ ପୋଲିଂ ଅଧିକାରୀ ପ୍ରଶିକ୍ଷଣ ନେଉଛନ୍ତି। ସେମାନଙ୍କ ମଧ୍ୟରେ ୧୫୭୭ ଜଣ ପ୍ରିଜାଇଡିଂ ଅଧିକାରୀ, ୧୫୭୩ ଜଣ ପ୍ରଥମ ପୋଲିଂ, ୧୫୭୬ ଜଣ ୨ୟ ପୋଲିଂ, ୧୫୭୭ ୩ୟ ପୋଲିଂ, ୧୫୭୬ ଜଣ ୪ର୍ଥ ଓ ୧୫୭୬ ଜଣ ୫ମ ପୋଲିଂ ଅଧିକାରୀ ତାଲିମ ନେଉଥିବା ଜଣାଯାଇଛି। ସୂଚନାନୁଯାୟୀ, ବାସୁଦେବପୁର ବ୍ଲକରେ ୧୪୫୭ ଓ ବାସୁଦେବପୁର ପୌରପାଳିକାରେ ୮୪ଜଣ ତାଲିମ ନେଉଥିବା ବେଳେ ଭଦ୍ରକ ବ୍ଲକରେ ୨୦୫୨, ଭଦ୍ରକ ପୌରକାଳିକାରେ ୫୭୮ଜଣ, ଭଣ୍ଡାରିପୋଖରୀ ବ୍ଲକରେ ୮୦୩ଜଣ, ବନ୍ତ ବ୍ଲକରେ ୮୯୬ଜଣ, ଚାନ୍ଦବାଲି ବ୍ଲକରେ ୧୩୮୨ଜଣ, ଚାନ୍ଦବାଲି ଏନଏସିରେ ୬୩ଜଣ, ଧାମନଗର ବ୍ଲକରେ ୧୦୫୦ଜଣ, ଧାମନଗର ଏନଏସିରେ ୧୦୯ଜଣ ଓ ତିହିଡ଼ି ବ୍ଲକରେ ୧୦୦୮ଜଣ ପ୍ରିଜାଇଡ଼ିଂ ଏବଂ ପୋଲିଂ ଅଧିକାରୀ ପ୍ରଶିକ୍ଷଣ ନେଉଛନ୍ତି।

# ପିସିସି ସଭାପତିଙ୍କୁ ପୃଥକ ପୃଥକ ସମ୍ବର୍ଦ୍ଧନା

**ଭଦ୍ରକ, ୧୬।୩ (ସମିସ):** ଆଜି ପିସିସି ସଭାପତି ଶରତ ପଟ୍ଟନାୟକ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଅଡ଼ାଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯିବା ବେଳେ ଭଦ୍ରକ ଠାରେ ତାଙ୍କୁ ପୃଥକ ପୃଥକ ଭାବେ ସମ୍ବର୍ଦ୍ଧନା ଦିଆଯାଇଛି। ଓରିଓନ ହୋଟେଲ ସମ୍ମୁଖରେ ଜିଲ୍ଲା ମୁଖ୍ୟ ମୁଖପାତ୍ର ଶୁଭେନ୍ଦୁ ରାୟମହାପାତ୍ରଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀ ପୁଷ୍ପଗୁଚ୍ଛ ଦେଇ ସଭାପତିଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ କ୍ଷେତ୍ରରୁ ଆସିଥିବା ନେତୃମଣ୍ଡଳୀଙ୍କ ମଧ୍ୟରୁ ରାଜ୍ୟ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ଅମିତାବାଳା ଆଚାର୍ଯ୍ୟ, ନାରୀ ନେତ୍ରୀ ତଥା ଆଇନଜୀବୀ ସ୍ୱସ୍ତିକା ପଣ୍ଡା, ଜିଲ୍ଲା ଯୁବ କଂଗ୍ରେସ ଉପସଭାପତି ବଳରାମ ରାଉତ, ଭଦ୍ରକ ବିଧାନସଭା ସଭାପତି ଇଲିୟାସ ଅଲ୍ଲୀ ଖାନ୍, ଜିଲ୍ଲା ଯୁବ କଂଗ୍ରେସ ନଗର ସାଧାରଣ ସମ୍ପାଦକ ସୁଶାନ୍ତ ଦାସ, ବେତଡା ଗ୍ରାମପଞ୍ଚାୟତ ପୂର୍ବତନ ସରପଞ୍ଚ ଶଶିକାନ୍ତ ଦାସ, ନେତା ଅଜୟ ଧଳ, ଯୁବନେତା ରଞ୍ଜିତ ଦାସ, କଳ୍ପତରୁ ପରିଡ଼ା, ଦିପୁନ ପଣ୍ଡା, ଶଶିକାନ୍ତ ମହାପାତ୍ର, ଅକ୍ଷୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭଦ୍ରକ କଂଗ୍ରେସ ତରଫରୁ ନିର୍ବାଚନ ମଣ୍ଡଳୀ ନେତା ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଗେଲ୍‌ପୁର ଛକ ଠାରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେଠାରୁ ତାଙ୍କୁ ଏକ ବାଇକ୍ ଶୋଭାଯାତ୍ରାରେ ଭଦ୍ରକ ସହର ପରିକ୍ରମା କରି ଡାହାଣିଗଡ଼ିଆ ଛକ ପର୍ଯ୍ୟନ୍ତ ନିଆଯାଇଥିଲା। ଏଥିରେ ପୂର୍ବତନ ଜିଲ୍ଲା ସଭାପତି ସୁବ୍ରତ ଦାସ, ଚାନ୍ଦବାଲୀ ନିର୍ବାଚନ ମଣ୍ଡଳୀ ନେତା ଦିଗମ୍ବର ଦାସ, ଧାମନଗର ନେତା ବିଦ୍ୟାଧର ଜେନା ଓ ଅଭିଷେକ୍ ରାଉତ, ରାଜୀବ ଗାନ୍ଧୀ ପଞ୍ଚାୟତରାଜ୍ ସଂଗଠନ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ଦାସ, ଓବିସି ବିଭାଗ ସଭାପତି ପିତବାସ ଧଳ, ଯୁବ ସଭାପତି ହେମନ୍ତ ମହାପାତ୍ର, ଛାତ୍ର ସଭାପତି ଓ ପାରିଷଦ ସେଖ୍ ସାହିଲ୍ କାଦରି, ରଂଜନ ଜେନା, ରାଜନ୍ ଲାହା, ତନ୍‌ଭୀର୍ ଖାଁ, ଏନାମୁଲ୍ ହକ୍, ବିଜୟ ବାରିକ, ସତ୍ୟ ପୁହାଣ, ଶଶୀକାନ୍ତ ଜେନା ଓ ମନୋଜ ମଲ୍ଲିକ ସମେତ ବହୁ କଂଗ୍ରେସ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।




## ବଣରେ ଫୁଟି ବଣରେ ମଉଳି ଯିବ ବଣମଲ୍ଲୀ

# କଳାକାରର ମର୍ଯ୍ୟାଦାରୁ ବଞ୍ଚିତ ଧନୀ ଶାହା

ଧାମନଗର, ୧୬।୩(ସମିସ)

 କଳା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନିଜେ ଗୌରବାନ୍ୱିତ ହେବା ସହ ରାଜ୍ୟ ତଥା ଦେଶପାଇଁ ଯେଉଁମାନେ ଗୌରବ ଆଣିଥାନ୍ତି ସେହି ମାନଙ୍କୁ ବେସରକାରୀ ଅନୁଷ୍ଠାନ ସହିତ ସରକାରଙ୍କ ତରଫରୁ ବିଭିନ୍ନ ପ୍ରକାର ମର୍ଯ୍ୟାଦା ଜନକ ସମ୍ମାନ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥାଏ। ଆମ ରାଜ୍ୟ ଆଜି ଏକ ଉତ୍କର୍ଷ କଳାର ରାଜ୍ୟ ହୋଇ ପାରିଛି କେବଳ କଳା ଓ ସଂସ୍କୃତି କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରିଥିବା କେତେକ ଯଶସ୍ୱୀ ପ୍ରତିଭାମାନଙ୍କ ପାଇଁ। ସେଥିପାଇଁ କେଉଁ ଆବାହମାନ କାଳରୁ ଏ ପୂଜ୍ୟପୂଜାର ପରମ୍ପରା ଚଳିଆସିଛି। କିନ୍ତୁ ଯଦି ପ୍ରତିଭା ଚୟନରେ ବ୍ୟତିକ୍ରମ ଘଟେ, ଚୟନ କ୍ଷେତ୍ରରେ ଯଦି ପ୍ରିୟାପ୍ରୀତିର ଭାବଧାରା ଜାରି ରୁହେ; ତେବେ ସଂସ୍କୃତି ଭଣ୍ଡାରକୁ ଋଦ୍ଧିମନ୍ତ କରି ଆସୁଥିବା ଜଣେ ଜଣେ ଜୀବନବ୍ୟାପୀ ସାଧକର ସାଧନାର ଫଳକୁ ପାଦ ତଳେ ଦଳି ମକଚି ଚାପି ଦେବା ଭଳି ଭାବିବାକୁ ପଡ଼ିବ। ଯାହା ଖତଗଦାରେ ଘୃତ ଢାଳିବା ସଦୃଶ। ସେହିପରି ଜଣେ ବିରଳ ପ୍ରତିଭା ଭଦ୍ରକ ଜିଲ୍ଲା ଧାମନଗର ବ୍ଲକରେ ଧନୀ ଶାହା। ବଣମଲ୍ଲୀ ପରି ବଣରେ ଫୁଟି ବଣରେ ମଉଳିଯିବାକୁ ବସିଛି ଧନୀ ଶାହାଙ୍କ ପ୍ରତିଭା।



ଷୋଡ଼ଶ ଶତାବ୍ଦୀରେ ଓଡ଼ିଶାର କେତେକ ଅଞ୍ଚଳ ମୋଗଲ ବନ୍ଦୀ ଅଞ୍ଚଳ ଥିବାବେଳେ ସେହି ସମୟରୁ ତଥା ବିଶେଷକରି ଭଦ୍ରକରେ ମୋଗଲ ଶାସନ ପ୍ରଚଳିତ ଥିବା ବେଳେ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟେର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଅଥବା ସାମ୍ପ୍ରଦାୟିକ ସଦଭାବନା ସୃଷ୍ଟି ନିମିତ ସତ୍ୟପୀର ପୂଜାର ପରମ୍ପରା ଉଭୟ ସମ୍ପ୍ରଦାୟର କେତେକ ଉଦାରଚେତା ସନ୍ଥମାନଙ୍କ ଦ୍ୱାରା ସୃଷ୍ଟି କରାଯାଇଥିଲା। ଯାହା ସାଧାରଣ ପାଲା ଭଳି ବୈଠକୀ ପାଲା ଓ ଠିଆପାଲା ମାଧ୍ୟମରେ ରାମ ଓ ରହିମ୍ ଅଥବା ସତ୍ୟନାରାୟଣ ଓ ସତ୍ୟପୀର ଏକ ଓ ଅଭିନ୍ନ ବୋଲି ସାଧାରଣରେ ପ୍ରଚାର ପ୍ରସାର କରାଯାଉଥିଲା। ସେହିଦିନ ଠାରୁ କବିକର୍ଣ୍ଣ ବିରଚିତ ୧୬ଗୋଟି ଆଖ୍ୟାୟିକା ମାଧ୍ୟମରେ ସତ୍ୟପୀର ଓ ସତ୍ୟନାରାୟଣଙ୍କ ମହିମାଗାନ କରି ଉଭୟ ସମ୍ପ୍ରଦାୟ ମଧ୍ୟରେ ଭାଇଚାରା ଭାବ ସୃଷ୍ଟି କରି ଆସିଥିଲେ ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକରେ ସୟଦଜାଫର ଗାଁର ମୁସଲମାନ ସନ୍ଥ, ଫକୀର ଧନୀ ଶାହାର ପୂର୍ବଜ ମାନେ। ନିଜ ବଂଶର କୌଳିକ ବୃତ୍ତି ଭାବରେ ଉକ୍ତ ପରମ୍ପରାଟିକୁ ଆଦରିନେଇ ଠିଆ ପାଲା ବା ବୈଠକୀ ପାଲା ମାଧ୍ୟମରେ ବର୍ଷକୁ ହାରାହାରି ୨୪୦ ଗୋଟିରୁ ଅଧିକ ମାନସିକ ପାଲା ପରିବେଷଣ କରିବା ସହ ନିଜର ଜୀବନ କାଳ ମଧ୍ୟରେ ହାରାହାରି ୧୪,୮୦୦ମଞ୍ଚରେ ପାଲା ପରିବେଷଣ କରି ନିଶ୍ଚିତ ଭାବରେ ଏକ ବିରଳ ରେକର୍ଡ ସୃଷ୍ଟି କରିପାରିଛନ୍ତି ଧନୀ ଶାହା। ଯାହା ସତ୍ୟପୀର ପାଲା ଉପରେ ଗବେଷଣା କରୁଥିବା ସଂଗୀତ ନାଟକ ଏକାଡେମୀ ସମ୍ମାନ ପ୍ରାପ୍ତ ଗୁରୁଶ୍ରୀ ସୁବାସ ଚନ୍ଦ୍ର ମଲ୍ଲିକଙ୍କ ସୂତ୍ରରୁ ପ୍ରକାଶ। ଧନୀ ଶାହା ଆଜି ୯୨ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ବହୁ ମାନସିକଧାରୀଙ୍କ କାମନା ସିଦ୍ଧି ନିମିତ ଆସ୍ଥାନ ସ୍ଥାପନ ପୂର୍ବକ ଶିରିଣୀ ଭୋଗ ଲଗାଇ ପୂଜା ସମାପନ କରିଥାନ୍ତି। ପ୍ରକାଶ ଥାଉକି ଜଣେ ଭିନ୍ନ ଭାଷାଭାଷୀର ବ୍ୟକ୍ତି ହୋଇ ମଧ୍ୟ ସେ ଉତ୍କଳୀୟ ପରମ୍ପରାରେ ପଞ୍ଚଦେବ ବନ୍ଦନା, ଓଡିଆ ଭକ୍ତି ସଂଗୀତ, ଜଣାଣ, ଓଡିଶୀ, ଛାନ୍ଦ, ଚମ୍ପୂ, ରିତୀଯୁଗୀୟ କବିମାନଙ୍କ ବିଭିନ୍ନ ଉପମା, ଅଳଙ୍କାର ପାଲା ମାଧ୍ୟମରେ ଖୁବସୁନ୍ଦର ଭାବରେ ପରିବେଷଣ କରି ସମଗ୍ର ରାଜ୍ୟରେ ଏକ ଅପ୍ରତିଦ୍ୱନ୍ଦୀ ବାଦଶାହା ଅଥବା ଏକ ବିରଳ ପ୍ରତିଭା ସାଜିଛନ୍ତି। ଅନ୍ୟ ସମୟରେ ସାଥିଗାୟକ ସହିତ ଖଞ୍ଜଣୀ ବଜାଇ ବିଭିନ୍ନ ଲୋକ କଥା ଯଥା-ବିଷ୍ଣୁ ଶର୍ମାଙ୍କ ପଞ୍ଚତନ୍ତ୍ର କାହାଣୀ ଆଧାରିତ ବଉଳା ଗାଇ ଉପାଖ୍ୟାନ, ଲକ୍ଷ୍ମଣ ଶକ୍ତିଭେଦ ପ୍ରଭୃତି ଉପାଖ୍ୟାନ ସୁଲଳିତ କଣ୍ଠରେ ଗାନ କରି ଜନମନ ହରଣ କରିଥାନ୍ତି। କିନ୍ତୁ ବିଶେଷ ପରିତାପର ବିଷୟ, ବିଗତ ୪ବର୍ଷ ଧରି ଲୋକ ସଂଗୀତରେ, ଓଡ଼ିଶା ସଂଗୀତ ନାଟକ ଏକାଡେମୀ ସମ୍ମାନ ନିମିତ ଧନୀ ଶାହାଙ୍କ ନାମ ଜିଲ୍ଲାରୁ ସୁପାରିସ ହେଉଥିଲେ ମଧ୍ୟ ସାଧାରଣ ପରିଷଦ ବୈଠକରେ ଚୟନୀତ ହୋଇପାରୁନାହାନ୍ତି। ଯେଉଁ ମାନେ ଯୋଗ୍ୟ ବିବେଚିତ ହୋଇଛନ୍ତି, ସେମାନେ ଧନୀ ଶାହାଙ୍କ ପ୍ରଚଣ୍ଡ ପ୍ରତିଭା ପାଖରେ କେଉଁ ଗୁଣରେ ସମକକ୍ଷ ବୋଲି କଳା ସମୀକ୍ଷକ ମାନେ ମଧ୍ୟ ସମାଲୋଚନା କରିବାକୁ ପଛାଇ ନାହାନ୍ତି।

- ୧୪ ହଜାରରୁ ଅଧିକ ମଞ୍ଚରେ କରିଛନ୍ତି ପାଲା ପରିବେଷଣ
- ଭାଇଚାରାର ପ୍ରତୀକ ସତ୍ୟପୀର ପାଲା ପରିବେଷଣ କରନ୍ତି

# ଆଗରପଡ଼ାରେ ପୁଲିସର ଫ୍ଲାଗମାର୍ଚ୍ଚ



**ବନ୍ତ/ଆଗରପଡ଼ା,୧୬/୩(ସମିସ):** ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ପୋଲିସ ପକ୍ଷରୁ ଆଗରପଡ଼ାରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଥାନା ଆଇଆଇସି ଅମିତ ଭୂୟାଁଙ୍କ ନେତୃତ୍ୱରେ ପୁଲିସ ସମଗ୍ର ବଜାରରେ ଏହି ଫ୍ଲାଗମାର୍ଚ୍ଚ କରିଥିଲା।

# ସିମେଣ୍ଟ ଦୋକାନୀ ଠାରୁ ୩.୩୦ଲକ୍ଷ ଟଙ୍କା ଠକେଇ

**ବାରିକପୁର/ଭଣ୍ଡାରିପୋଖରୀ,୧୬।୩(ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ସରସଦା ଗ୍ରାମ ଭାଟଣା ସାହିର ସିମେଣ୍ଟ ବ୍ୟବସାୟୀ ଶ୍ରୀକାନ୍ତ ଜେନାଙ୍କ ଠାରୁ ମିଥ୍ୟା ପରିଚୟ ଦେଇ ୩ ଲକ୍ଷ ୩୦ ହଜାର ଠକି ନେଇଥିବା ଅଭିଯୋଗ ହୋଇଛି। ଗତ ୧୩ ତାରିଖରେ ଅଲଟ୍ରାଟେକ ସିମେଣ୍ଟ ଫ୍ୟାକ୍ଟ୍ରିରୁ ହଜାରେ ବସ୍ତା ସିମେଣ୍ଟ ପଠାଯିବା ପାଇଁ ଅର୍ଥ ପଠାଇବାକୁ ଶ୍ରୀକାନ୍ତଙ୍କୁ ୨ ଜଣ ବ୍ୟକ୍ତି ଫୋନ କରିଥିଲେ। ଏହାକୁ ବିଶ୍ୱାସ କରି ଶ୍ରୀକାନ୍ତ ମହାରାଷ୍ଟ୍ର ପୁନାରେ ଥିବା ସଂପୃକ୍ତ ବ୍ୟକ୍ତିଙ୍କ ଜମାଖାତାକୁ ୩ଲକ୍ଷ ୩୦ ଜହାର ଟଙ୍କା ପଠାଇଥିଲେ। ଏହାର ୨୪ ଘଣ୍ଟା ପରେ ସିମେଣ୍ଟ ନଆସିବାରୁ ଶ୍ରୀକାନ୍ତ ସଂପୃକ୍ତ ବ୍ୟକ୍ତିମାନଙ୍କୁ ଫୋନ କରିଥିଲେ। ସେମାନେ ଆଉ ଅଧିକ ଟଙ୍କା ପଠାଇବାକୁ କହିଥିଲେ। ଶ୍ରୀକାନ୍ତ ଏଥିରେ ରାଜି ନହେବାରୁ ସେମାନେ ଗାଳିଗୁଲଜ କରି ଧମକ ଦେଇଥିଲେ। ଶ୍ରୀକାନ୍ତ ଥାନାରେ ଏଥିନେଇ ଅଭିଯୋଗ କରିବାରୁ ଅଜଣା ୨ ଜଣ ବ୍ୟକ୍ତିଙ୍କ ନାମରେ ୧୧୦/୨୪ନଂ ମାମଲା ଶୁକ୍ରବାର ରଜୁ ହୋଇଥିବା ଜଣାଯାଇଛି।

# ଭାରସାମ୍ୟ ହରାଇ ଓଲଟିଲା ବାଲି ଟ୍ରକ୍




**ବାରିକପୁର,୧୬।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଧାମନଗର ଛକ ନିକଟରେ ଭାରସାମ୍ୟ ହରାଇ ଏକ ବାଲି ଟ୍ରକ୍ ଓଲଟି ପଡିଥିବା ଜଣାପଡିଛି। ଦିନ ପ୍ରାୟ ୪ଟା ବେଳେ ଟ୍ରକଟି ଆଖୁଆପଦା ପଟୁ ବାଲି ବୋଝେଇ କରି ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ରାଜପଥ ଡିଭାଇଡରକୁ ଧକ୍କା ଦେଇ ରାଜପଥ ଉପରେ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ସାମାନ୍ୟ ଆହତ ହୋଇଥିବା ଡ୍ରାଇଭର ଓ ହେଲପରକୁ ଉଦ୍ଧାର କରିଥିଲେ। ଖବର ପାଇ ଧାମନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିବା ଜଣାପଡିଛି।

# ଆଦିତ୍ୟ ବାହିନୀର ଶାଖା ଗଠିତ

**ବାରିକପୁର,୧୬।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ନପଙ୍ଗ ଶହେ ଆଠ ଲିଙ୍ଗ ପ୍ରାଙ୍ଗଣରେ ମହେଶ ତ୍ରିପାଠୀଙ୍କ ସଂଯୋଜନାରେ ଏକ ଧର୍ମସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଧର୍ମ ସଭାରେ ଉତର ଭିବାଗ ସୂଚନା ସଚିବ ରଘୁନାଥ ମହନ୍ତ, ମୁଖ୍ୟ ସଂଯୋଜକ ସୂର୍ଯ୍ୟମଣି ଧଳ, ସୁଶାନ୍ତ ଯେନା,ଦେବେନ୍ଦ୍ର ନାୟକ,ସୂର୍ଯ୍ୟକାନ୍ତ ନାୟକ ପ୍ରମୁଖ ଉପସ୍ଥିତରେ ଆଦିତ୍ୟ ବାହିନୀ ଶାଖା ଗଠନ କରଯାଇଛି। ସେହିପରି ପୀଠ ପରିଷଦର ପ୍ରେରକ ଭାବେ ହରେକୃଷ୍ଣ ନାୟକ, ନିରୀକ୍ଷକ ଭାବେ ଶଙ୍କର୍ଷଣ ରାଉତ, ମାର୍ଗଦର୍ଶକ ଦିବ୍ୟସିଂହ ରାୟ, ଆନନ୍ଦ ବାହିନୀର ସଂଯୋଜିକା ଭାବେ ଟୁନି ମହାପାତ୍ର, ସହ ସଂଯୋଜିକା ଭାବେ ସୁଜାତା ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏଥିରେ ସୂର୍ଯ୍ୟମଣି ଧଳ, ସୁକାନ୍ତ ଯେନା, ନଟବର ଯେନା, ଗଙ୍ଗାଧର ସାମଲ, ଦେବକାନ୍ତ ନାୟକ, ଉଦକର ନାୟକ, ସୂର୍ଯ୍ୟକାନ୍ତ ମହାପାତ୍ର, ସଚିବ ଜୀବନଯୋତି ମହାପାତ୍ର, ବିଜୟ ମହାପାତ୍ର, ଅଭିମନ୍ୟୁ ଦାସ, ଶ୍ରୀଧର ଦାସ ଉପସ୍ଥିତ ଥିଲେ। ସଚିବ ରୂପେ ଖବରଦାତା ମନୋରଞ୍ଜନ ମହାନ୍ତିଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା।



# ଝଟକିବ ଆଖଣ୍ଡଳମଣି ପୀଠର ନୂତନ ବସ୍‌ଷ୍ଟାଣ୍ଡ

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ସ୍ଥାନୀୟ ଲୋକ

## ୧୧.୮୨କୋଟି ଟଙ୍କା ଅନୁମୋଦନ

**ଭଦ୍ରକ/ଆରଡ଼ି,୧୬।୩(ସମିସ)**

ବାବା ଆଖଣ୍ଡଳମଣି ପୀଠରେ ନିର୍ମାଣ ହେବ ନୂତନ ବସ୍‌ଷ୍ଟାଣ୍ଡ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି ୧୧.୮୨କୋଟି ଟଙ୍କା। ଜିଲ୍ଲା ତଥା ରାଜ୍ୟର ପ୍ରମୁଖ, ପ୍ରସିଦ୍ଧ ଶୈବପୀଠ ଆରଡ଼ିଧାମର ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିବା ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଓ ପର୍ଯ୍ୟଟକ ଆସିଥାନ୍ତି। ବିଶେଷକରି ପର୍ଯଟନ ଋତୁ ଆରମ୍ଭରୁ ଶେଷ ଯାଏଁ ଲାଗିରହିଥାଏ ଲକ୍ଷାଧିକ ପର୍ଯ୍ୟଟକଙ୍କ ଭିଡ଼। ଏପରିକି ପର୍ଯଟକମାନେ ଆଣୁଥିବା ଛୋଟବଡ ବସ୍ ରଖିବା ପାଇଁ ସ୍ଥାୟୀ ବସଷ୍ଟାଣ୍ଡ ନଥିବାରୁ ନାନା ଅସୁବିଧାରେ ସମ୍ମୁଖୀନ ହେଉଥିବା ବେଳେ ଆରଡ଼ିପୀଠରୁ ଭଦ୍ରକ, ଭୁବନେଶ୍ୱର, କଟକ, ରାଉରକେଲା, ଯାଜପୁର, ଘଟଗାଁ, ବାଲେଶ୍ୱର, କଲିକତା ଆଦି ସ୍ଥାନକୁ ପ୍ରତିଦିନ ଯାତାୟାତ କରୁଥିବା ୪୦ରୁ ଊର୍ଦ୍ଧ୍ୱ ବସ ରହଣି ପାଇଁ ବହୁ ଅସୁବିଧା ପରିଲିଖିତ ହୋଇଥାଏ। ଏପରି ସମସ୍ୟା ବାବଦରେ ସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ ନିମନ୍ତେ ପୂର୍ବତନ ସରପଞ୍ଚ ସରୋଜ ଦାସଙ୍କ ସହ ଅନ୍ୟମାନେ ଭଦ୍ରକ ଜିଲ୍ଲାପାଳ, ସ୍ଥାନୀୟ ବିଧାୟକ ଓ ରାଜ୍ୟ ପରିବହନ ବିଭାଗ ନିକଟରେ ବାରମ୍ବାର ଦାବି କରି ଆସୁଥିଲେ। ଏପରି ସମସ୍ୟା ର ସ୍ଥାୟୀ ସମାଧାନ ପାଇଁ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋରଙ୍କ ସହ ରାଜ୍ୟ ପରିବହନ ବିଭାଗର ଉଚ୍ଚ ପଦାଧିକାରୀ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ପୀଠର ପ୍ରବେଶ ପଥ ଅର୍ଥାତ ପାନ୍ଥନିବାସ ନିକଟରେ ଚିହ୍ନଟ ଜାଗାର କ୍ଷେତ୍ର ପରିଦର୍ଶନ କରିବା ସହ ୪ଏକର ପରିମିତ ଏକ ଜାଗା ଯୋଗାଇଦେଇଥିଲେ। ଯାହାକି ଏବେ ଉକ୍ତ ସ୍ଥାନରେ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୧.୮୨କୋଟି ଟଙ୍କା ଯୋଗାଇ ଦିଆଯିବା ସହ ଫଳକ ଲଗାଯାଇ କାର୍ଯ୍ୟ ଆରମ୍ଭ ନିମନ୍ତେ ପ୍ରକ୍ରିୟା ଜାରି ରହିଛି। ଏହି କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଚାନ୍ଦବାଲି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ବ୍ୟୋମକେଶ ରାୟ ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।




# ଆମ୍ବିଳେଶ୍ୱର କଲ୍ୟାଣମଣ୍ଡପ ଉଦ୍‌ଘାଟିତ

**ଧାମନଗର,୧୬।୩(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ବୟାଙ୍ଗଡିହି ପଞ୍ଚାୟତ ଆମ୍ବିଳିଗାଁଠାରେ ଏକ ନୂତନ ଆମ୍ବିଳେଶ୍ୱର କଲ୍ୟାଣମଣ୍ଡପ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଧାମନଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ କଲ୍ୟାଣମଣ୍ଡପର ଲୋକାର୍ପଣ କରି ଉକ୍ତ ପଞ୍ଚାୟତ ବିଭିନ୍ନ କାର୍ଯ୍ୟକ୍ରମରେ ଲାଗିବା ସହ ଲୋକମାନେ ଉପକୃତ ହେବେ ବୋଲି କହିଛନ୍ତି। ଏଥିରେ ବରେଣ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଆମ ଓଡ଼ିଶା-ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ସଂଜୟ କୁମାର ଦାସ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ସ୍ଥାନୀୟ ସରପଞ୍ଚ କୁନ୍ତଳା ମଳିକ, ସମିତି ସଭ୍ୟା ବୈଦେହି ବେହେରା, ପ୍ରାକ୍ତନ ସରପଞ୍ଚ ଗୋପାଳ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବ୍ଲକ୍ ସଭାପତି ଉମେଶ ମହାନ୍ତି, ବ୍ଲକ୍ ଯୁବ ସଭାପତି ଭାରତ ବିଜୟ ଦଳାଇ, ଛାତ୍ର ସଭାପତି ପ୍ରକାଶ ବେହେରା, ନଗର ସଭାପତି ସୁଶାନ୍ତ ରାଉତଙ୍କ ସମେତ ସ୍ଥାନୀୟ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଲୋକମାନେ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



# ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ଉତ୍ସବ

**ମଞ୍ଜୁରୀ ରୋଡ଼,୧୬।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ରାଢୋ ଠାରେ ୩ଦିନ ଧରି ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପୂଜକ ମହେନ୍ଦ୍ର ଦାଶଙ୍କ ଦ୍ୱାରା ବୈଦିକ ରୀତିନୀତି ଅନୁସାରେ ସ୍ଥାନୀୟ ହନୁମାନ ପୋଖରୀ ଠାରେ ଘଟ ଉତ୍ତୋଳନ ହୋଇ ସାରିବା ପରେ କୀର୍ତ୍ତନ ମଣ୍ଡପ ଠାରେ ନାମ ଆରମ୍ଭ ହୋଇଥିଲା। ଗ୍ରାମର ଯଜାତୀ ସାମଲ, ଜୟରାମ ଲେଙ୍କା, କାଶିନାଥ ସାମଲ, ବିଦ୍ୟାଧର ସାମଲ, ସତ୍ୟବ୍ରତ ସାମଲ, ବୈରାଗୀ ଶଙ୍ଖୁଆ ସଙ୍କଳ୍ପ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ନିକଟ ସାନ ମାଳଦା, ଦଇପୁର ସମେତ ଅନ୍ୟାନ୍ୟ ସଙ୍କୀର୍ତ୍ତନ ମଣ୍ଡଳୀ ମଣ୍ଡପରେ ପହଞ୍ଚି ନାମ ପରିବେଷଣ କରିଥିବା ବେଳେ ନଗର କୀର୍ତ୍ତନ ଓ ଦଧି ହାଣ୍ଡି ଭଙ୍ଗନ ପରେ ବାର୍ଷିକ ଉତ୍ସବ ଉଦଯାପିତ ହୋଇଛି। ସମସ୍ତ କାର୍ଯ୍ୟକ୍ରମକୁ ରତ୍ନାକର ଶଙ୍ଖୁଆ, ବିଜୟ ସାମଲ, ରାଜେଶ ନାୟକ, ମାନସ ରଞ୍ଜନ ଲେଙ୍କା, ଜଗନ୍ନାଥ ଲେଙ୍କା, ଗୌରାଙ୍ଗ ସାମଲ, ନନ୍ଦ ଶଙ୍ଖୁଆ, ବଳରାମ ସାମଲ ପ୍ରମୁଖ ପରିଚାଳନା କରିଥିଲେ।

# ବିଜୁ ସେତୁ ପାଇଁ ଭିତିପ୍ରସ୍ତର ସ୍ଥାପନା

**ବାରିକପୁର,୧୬।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଆଦମପୁର ସ୍ଥିତ କପାଳି ନଦୀ ଉପରେ ବିଜୁ ସେତୁ ପାଇଁ ଆଜି ଭିତ୍ତିପ୍ରସ୍ଥର ସ୍ଥାପନ ହୋଇଛି। ସରପଞ୍ଚ ଅମୂଲ୍ୟ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ବିଜୁ ସେତୁ ପାଇଁ ଭିତ୍ତିପ୍ରସ୍ଥର ସ୍ଥାପନ କରିଥିଲେ। ସେହିଭଳି ପଞ୍ଚାୟତ ମହିଳା ମହାସଂଘ କାର୍ଯ୍ୟାଳୟ ପାଇଁ ବିଧାୟକଙ୍କ କରକମଳରେ ଶିଳାନ୍ୟାସ ହୋଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁମତି ସେଠୀ, ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଉତ୍କଳ କେଶରୀ ମହାନ୍ତି, ଦୀପକ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ନେରଡ଼ା ପଞ୍ଚାୟତ କୁରାଢ଼ିଆପଦା ଜଗନ୍ନାଥ ମନ୍ଦିର ଉନ୍ନତିକରଣ ପାଇଁ ମଧ୍ୟ ଭିତି ପ୍ରସ୍ଥର ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଶ୍ରୀ ସାମଲଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ ବଦ୍ରିନାରାୟଣ ରାଉତ, ସମାଜସେବୀ ଶରତ ଚନ୍ଦ୍ର ଜେନା, ସମବାୟ ସମିତି ସଭାପତି ସତ୍ୟନାରାୟଣ ମିଶ୍ର, ଅରୁଣ ପ୍ରଧାନ, ବିବେକାନନ୍ଦ ବଳ ପ୍ରମୁଖ ଉପସ୍ଥିତ ଥିଲେ। କୁରିଗାଁ ପଞ୍ଚାୟତ ମଣିମାଝୀ ଡିଗି ନୂତନ ରାସ୍ତାର ଉଦ୍ଘାଟନ ହୋଇଛି। ଯୁବନେତା ଦେବ ପ୍ରସନ୍ନ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟ ଓ ପଞ୍ଚାୟତ ନେତୃମଣ୍ଡଳୀ ମାନେ ଉପସ୍ଥିତ ଥିଲେ।



# ଭଣ୍ଡାରିପୋଖରୀରେ ନିର୍ମାଣ ହେବ ୩୩ କେଭି ବିଦ୍ୟୁତ ଷ୍ଟ୍ରକଚର

**ଭଣ୍ଡାରିପୋଖରୀ,୧୬।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକର ସଦର ମହକୁମାରେ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ ଷ୍ଟ୍ରକଚର ନିର୍ମାଣ କରାଯିବ। ଶନିବାର ରାଜ୍ୟ କ୍ୟାବିନେଟରେ ଏହା ଅନୁମୋଦନ ଲାଭ କରିଛି। ବ୍ଲକ ଅଞ୍ଚଳରେ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବା ପାଇଁ ଥିବା ଷ୍ଟ୍ରକଚର ଭଣ୍ଡାରିପୋଖରୀ ସଦର ମହକୁମା ପାଇଁ ଯଥେଷ୍ଟ ହେଉନାହିଁ। ଏଥିପାଇଁ ଏକ ସ୍ୱତନ୍ତ୍ର ଷ୍ଟ୍ରକଚର ଆବଶ୍ୟକ ବୋଲି ୫ଟି ଅଧ୍ୟକ୍ଷଙ୍କ ଭଣ୍ଡାରିପୋଖରୀ ଗସ୍ତ ବେଳେ ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, ଦେବେନ୍ଦ୍ର ଦାଶ, ହେମନ୍ତ ଜେନା, ଜିଲ୍ଲଶ ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ସାଂସଦ ପ୍ରତିନିଧି ଲଳିତ ରାଉତ ପ୍ରମୁଖ ଲିଖିତ ଭାବେ ଜଣାଇଥିଲେ। ବିଧାୟକ ପ୍ରଫୁଲ୍ଲ ସାମଲ ମଧ୍ୟ ଏହି ଆବଶ୍ୟକତା ସମ୍ପର୍କରେ '୫-ଟି' ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଦାବି ରାଜ୍ୟ କ୍ୟାବିନେଟରେ ଶନିବାର ଅନୁମୋଦିତ ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ ବ୍ଲକ ଅଞ୍ଚଳର ବିଦ୍ୟୁତ ସେବା ଯୋଗାଣ ପାଇଁ ସର୍ବପୁରାତନ ୧୬ ନଂ ଜାତୀୟ ରାଜପଥର ଧାମନଗର ଛକ ଷ୍ଟ୍ରକଚର ରହିଥିଲା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଡାହାଲା ଠାରେ ଓ ୩ୟ ପର୍ଯ୍ୟାୟରେ ରାଢୋ ଠାରେ ମାଳଦା ଷ୍ଟ୍ରକଚର ସହ ବିଶୋଳ ଠାରେ ଏକ ଷ୍ଟ୍ରକଚର ନିର୍ମାଣ କରାଯାଇଛି। ଏହି ୪ଟି ଷ୍ଟ୍ରକଚର ବ୍ୟତୀତ ଭଣ୍ଡାରିପୋଖରୀ ବ୍ଲକ ସଦର ମହକୁମାରେ ଅନ୍ୟ ଏକ ଷ୍ଟ୍ରକଚର ନିର୍ମାଣ କରାଯିବ। ଏହି ସହ୧୬ ନଂ ଜାତୀୟ ରାଜପଥର ଧାମନଗର ଚକ ଠାରେ ନିର୍ମାଣାଧିନ ଟେକ୍ସଟାଇଲ ପାର୍କ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ମଧ୍ୟ କ୍ୟାବିନେଟ ପଦକ୍ଷେପ ଗ୍ରହଣ କରିଥିବା ଜଣାଯାଇଛି।

# ଏନ୍‌ଏସି ଦାବିରେ ତିହିଡ଼ିରେ ୮ ଘଣ୍ଟିଆ ବନ୍ଦ




**ତିହିଡ଼ି,୧୬।୩(ସମିସ):** ଏନ୍‌ଏସି ଦାବିରେ ତିହିଡ଼ି ନାଗରିକ ମଞ୍ଚ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। ସମସ୍ତ ବ୍ୟବସାୟୀ ସେମାନଙ୍କର ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖିଥିବା ବେଳେ ସ୍କୁଲ, କଲେଜ, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ ଆଦି ବନ୍ଦ ରହିଥିଲା। ତିହିଡ଼ି ନାଗରିକ ମଞ୍ଚର ଆବାହକ ଧୀରେନ୍ଦ୍ର ସାହୁ, ସଭାପତି ସୋମନାଥ ପାଢ଼ୀଙ୍କ ନେତୃତ୍ୱରେ ଆଜି ସକାଳ ୬ ଟାରୁ ବନ୍ଦ ପାଳନ କରାଯାଇଥିଲା। ନାଗରିକ ମଞ୍ଚର କର୍ମକର୍ତ୍ତାମାନେ ତିହିଡ଼ି ବଜାରରେ ବସି ବନ୍ଦର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଭଦ୍ରକ ତ୍ୟାଗଭୂମିର ସଭାପତି ଅଜୟ ନାୟକ, ଯୁବନେତା ସତ୍ୟାନନ୍ଦ ରାଉତ, ସ୍ତମ୍ଭକାର ବିଭୂତି ଭୂଷଣ ସେନାପତି, ରାଜନେତା ସରୋଜ ଦାସ, ରଘୁନାଥ ପାତ୍ର, ଉଦ୍ଧବ ଚରଣ ନାୟକ, ବିପିନ ବିହାରୀ ପତି, ସମାଜସେବୀ ରଘୁନାଥ ଜେନା, ପ୍ରଫୁଲ ପାଢ଼ୀ, ଆଡଭୋକେଟ ବିଷ୍ଣୁ ଦାଶ, ନାରାୟଣ ଦାସ, ଛାତ୍ର ନେତା ସମ୍ବିତ ସାହୁ, କୈଳାଶ ପାତ୍ର, ସୁମନ୍ତ ଲେଙ୍କା, ନାରାୟଣ ଜେନା, ସୌମେନ୍ଦ୍ର ପଣ୍ଡା, ହରିହର ମଳିକ, ଅମୂଲ୍ୟ କୁମାର ସେନାପତି, ଟୁକୁଲୁ ନାୟକପ୍ରମୁଖ ଶତାଧିକ ତିହିଡ଼ିବାସୀ ବନ୍ଦରେ ସାମିଲ ହୋଇଥିଲେ। ଏକ ବିଶାଳ ଶୋଭାଯାତ୍ରାରେ ତିହିଡ଼ି ବଜାର ପରିକ୍ରମା କରି ଲୋକଙ୍କୁ ବନ୍ଦର ଆବଶ୍ୟକତା ସମ୍ପର୍କରେ ସଚେତନ କରିବା ସହ ଯେଉଁପରି ଭାବେ ଦଳମତ ନିର୍ବିଶେଷରେ ବନ୍ଦକୁ ସମର୍ଥନ ଦିଆଯାଇଛି ସେଥିପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ।

# ନିର୍ବାଚନୀ ପ୍ରଶିକ୍ଷଣ କେନ୍ଦ୍ର ବୁଲିଲେ ଆର୍‌ଡିସି

**ଭଦ୍ରକ,୧୬।୩(ସମିସ)**



ଆଗାମୀ ସାଧାରଣ ନିର୍ବାଚନରେ ମତଦାନ କାର୍ଯ୍ୟକ୍ରମ ପରିଚାଳନା ନେଇ ନିୟୋଜିତ ହୋଇଥିବା ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀମାନଙ୍କ ପାଇଁ ମାର୍ଚ୍ଚ ୧୫ରୁ ଆରମ୍ଭ ହୋଇଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜାରି ରହିଛି। ଏହି ଅବସରରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୋଗ ରଞ୍ଜନ କୁମାର ଦାସ ଦିନିକିଆ ଭଦ୍ରକ ଗସ୍ତରେ ଆସି ବିଭିନ୍ନ ପ୍ରଶିକ୍ଷଣ କେନ୍ଦ୍ର ଏବଂ ଇଭିଏମ୍ ଷ୍ଟ୍ରଙ୍ଗରୁମ୍ ପରିଦର୍ଶନ କରିଛନ୍ତି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସହିତ ପ୍ରଥମେ ଜିଲ୍ଲା କାର୍ଯ୍ୟାଳୟର ନିର୍ବାଚନ ଅନୁଭାଗକୁ ଯାଇ ଜିଲ୍ଲା ପ୍ରଶାସନର ନିର୍ବାଚନୀ ପ୍ରସ୍ତୁତି ନେଇ କିଛି ତଥ୍ୟ ସମ୍ବନ୍ଧରେ ପଚାରି ବୁଝିଥିଲେ। ନିଶୁଳ୍କ ଯୋଗାଯୋଗ ନମ୍ବର-୧୯୫୦ର କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ପରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସହ ଭଦ୍ରକ କଲେଜ ପରିସରରେ ଥିବା ଇଭିଏମ୍ ଷ୍ଟ୍ରଙ୍ଗରୁମ୍ ପରିଦର୍ଶନ କରିବା ସହିତ ସେଠାରେ ଆୟୋଜିତ ହେବାକୁ ଥିବା ଡିସ୍‌ପରସାଲ ଏବଂ ରିସିଭିଂ କେନ୍ଦ୍ର ତଦାରଖ କରି ଆବଶ୍ୟକ ବ୍ୟବସ୍ଥା ସମ୍ବନ୍ଧରେ ଉପସ୍ଥିତ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଭଦ୍ରକ ବ୍ଲକ୍‌ସ୍ତରରେ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀମାନଙ୍କ ପାଇଁ ଚାଲୁ ରହିଥିବା ପ୍ରଶିକ୍ଷଣ କେନ୍ଦ୍ର ଗସ୍ତ କରି ପରିଦର୍ଶନ କରି ପ୍ରଶିକ୍ଷାର୍ଥୀମାନଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ମତଦାନ କାର୍ଯ୍ୟ ପରିଚାଳନା ସମ୍ପାଦନ କ୍ଷେତ୍ରରେ ପୋଲିଂ ଦଳର ପ୍ରତି ଅଧିକାରୀ ମାନଙ୍କର କାର୍ଯ୍ୟ ଦକ୍ଷତା ଓ ନିରପେକ୍ଷତା କେତେ ଗୁରୁତ୍ୱପୂର୍ଣ୍ଣ ସେ ବିଷୟରେ ଆରଡିସି ଶ୍ରୀ ଦାସ ପ୍ରଶିକ୍ଷାର୍ଥୀମାନଙ୍କୁ ବୁଝାଇଥିଲେ। ସଠିକ ପ୍ରଶିକ୍ଷଣ ଦ୍ୱାରା ହିଁ ନିର୍ବାଚନ ଶୃଙ୍ଖଳିତ, ଅବାଧ ଓ ସ୍ୱଚ୍ଛ ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ଗଡ଼ନାୟକ, ଡେପୁଟି କଲେକ୍ଟର ନିର୍ବାଚନ ସାଗରିକା ସାହୁ ପ୍ରମୁଖ ତାଙ୍କ ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ।

# ଡାକ୍ତର ମାୟାଧର ପଣ୍ଡାଙ୍କ ଶ୍ରଦ୍ଧାଞ୍ଜଳି ସଭା

**ତିହିଡ଼ି,୧୬।୩ (ସମିସ):** ତିହିଡ଼ି ବ୍ଲକ ବିଲଣା ପଞ୍ଚାୟତ ଅଧୀନ ବାସନ୍ତୀ ନଗର ଗ୍ରାମର ଡାକ୍ତର ମାୟାଧର ପଣ୍ଡାଙ୍କ ଦ୍ୱାଦଶକ୍ରିୟା ଉପଲକ୍ଷେ ଏକ ସ୍ମୃତିସଭା ବାସନ୍ତୀ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତ୍ୟାଗଭୂମି ସମ୍ମେଳନର ସଭାପତି ଅଜୟ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ବେଦବିତ ଓ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରାବନ୍ଧିକ ତଥା ପାଳିଆବିନ୍ଧା କଲେଜର ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଡକ୍ଟର ବିଶ୍ୱରଞ୍ଜନ ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଡିଓ ଜ୍ୟୋତିର୍ମୟ କର, ବରିଷ୍ଠନେତା ରଘୁନାଥ ଲେଙ୍କା, ପୂର୍ବତନ ଜିଲାପରିଷଦ ସଭ୍ୟ ଦେବେନ୍ଦ୍ର ପୁହାଣ, ଜିଲ୍ଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ଡାକ୍ତର ସଞ୍ଜୟ ଦାସ, କନିଷ୍ଠଯନ୍ତ୍ରୀ ଭରତ ବିଶ୍ୱାଳ, ସମିତିସଭ୍ୟ ଜୟପ୍ରକାଶ ମଳିକ, ସମାଜସେବୀ ତପନ ମିଶ୍ର ପ୍ରମୁଖ ମଞ୍ଚାସୀନ ରହି ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଲଣା ସମିତିସଭ୍ୟ ଭାଗିରଥୀ ମଳିକ, ପୂର୍ବତନ ସରପଞ୍ଚ ଶରତ ମଳିକ, ଗୋଲକ ସାମଲ, ବାରୋ ସରପଞ୍ଚ ଉଦ୍ଧବ ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମୀକାନ୍ତ ମହାପାତ୍ର, ବିଷ୍ଣୁମୋହନ ପଲାଇ, ବିନୋଦ ସେଠୀ, ଲକ୍ଷ୍ମୀକାନ୍ତ ନାୟକ, ବିଶ୍ୱରଞ୍ଜନ ନାୟକ, ପ୍ରଫୁଲ୍ଲ ଦାସ, ଅକ୍ଷୟକୁମାର ନାୟକ, ଆରଏମସି ସମ୍ପାଦକ ସଂଜୟ ଦାସ, ପ୍ରମୁଖ ଶ୍ରଦ୍ଧାଞ୍ଜଳି ବକ୍ତବ୍ୟ ପ୍ରଦାନ କରିଥିଲେ।



## ଜଳକଷ୍ଟରେ ଘାଣ୍ଟି ହେଉଛନ୍ତି ଲୋକେ

# ଟୋପାଏ ପାଣି ସଂଗ୍ରହ ପାଇଁ ତହଲବିକଳ

ବାଲିବନ୍ଧ, ୧୬।୩ (ସମିସ)





ଟୋପାଏ ପାଣି ସଂଗ୍ରହ ପାଇଁ ତହଲବିକଳ ହେଉଛନ୍ତି ଲୋକେ। ସ୍ନାନଶୌଚ ତ ଦୂରର କଥା; ପିଇବା ପାଇଁ ଟୋପାଏ ପାଣି ମିଳୁନାହିଁ। ଏଭଳି ଚିତ୍ର ଦେଖିବାକୁ ମିଳିଛି ଝୁମ୍ପୁରା ବ୍ଲକ ନୟାଗଡ ପଞ୍ଚାୟତ ବ୍ରାହ୍ମଣୀଡିହା ଗ୍ରାମ ମାହାଲିଗୁଟୁ ସାହିରେ। ତେବେ ପ୍ରାକୃତିକ ସମ୍ପଦ ଭରା ନୟାଗଡ ପଞ୍ଚାୟତ ବ୍ଲକର ଧନୀ ପଞ୍ଚାୟତ ଭାବେ ଜଣାଶୁଣା। ଏଠି ଅଛି ଖଣି, ଅଛି ବୈତରଣୀ, ଅଛି କାରଖାନା, ଅଛି ରେଲ୍‌ୱେ ସାଇଡିଂ। ପ୍ରାଚୁର୍ଯ୍ୟଭରା ପଞ୍ଚାୟତ; ତଥାପି ଲୋକେ ଟୋପାଏ ପାଣି ପାଇଁ ତହଲବିକଳ ହେଉଛନ୍ତି। ବ୍ରାହ୍ମଣୀଡିହା ଗ୍ରାମ ମାହାଲିଗୁଟୁ ସାହିରେ ଆଦିବାସୀ ସମ୍ପ୍ରଦାୟର ୨୫ପରିବାର ବସବାସ କରନ୍ତି। ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ହାଟବଜାରରେ ବିକ୍ରିବଟା ସାଙ୍ଗକୁ ଦିନ ମଜୁରିଆ ଭାବେ କାମ କରି ଜୀବିକା ନିର୍ବାହ କରନ୍ତି। ସେମାନଙ୍କ ପାନୀୟଜଳ ବ୍ୟବହାର ନିମନ୍ତେ ସୌରଚାଳିତ ପମ୍ପ ଦ୍ୱାରା ଏକ ୫ ହଜାର ଲିଟର ସିଣ୍ଟେକ୍ସ ଟାଙ୍କି ଏବଂ ୨୫ବର୍ଷ ତଳର ଏକ ବିପଦ ସଙ୍କୁଳ କୂଅରେ ସ୍ଲାପ ପକାଇ ଏକ ନଳକୂପର ସାମଗ୍ରୀ ଫିଟିଂ କରି କାରବାର କରୁଛନ୍ତି। ତେବେ ତାଡି ଆରମ୍ଭରୁ ହିଁ ଜଳସ୍ତର ନିମ୍ନଗାମୀ ହେବା ଯୋଗୁଁ ସୌରଚାଳିତ ପମ୍ପରେ ପାଣି ଉଠାଇବା କମିଯାଉଛି। ଅନ୍ୟପଟେ କୂଅରୁ ମଧ ପାଣି କମିଯିବାରୁ ବାଲ୍‌ଟି ବୁଡୁ ନାହିଁ। ଅଧା ବାଲଟି ପାଣି ଆସୁଛି। ଯାହା ଫଳରେ ସାହିର ଲୋକମାନେ କାମଧନ୍ଦା ଛାଡି ପାଣି ସଂଗ୍ରହ କରିବା ପାଇଁ ଘଣ୍ଟା ଘଣ୍ଟା ଧରି ଠିଆ ହେବାକୁ ପଡୁଛି। ଫଳରେ ଶୁକ୍ରବାର ପାଣି ସଂଗ୍ରହ ନିମନ୍ତେ ମା'ମାନଙ୍କ ମଧ୍ୟରେ କଥା କଟାକଟି ଏବଂ ଶେଷରେ ହାତାହାତି ହୋଇଥିବା ଅଭିଯୋଗ ହୋଇଥିଲା। ଅନ୍ୟପଟେ ପୋଖରୀରେ ପାଣି ଶୁଖି ଯିବାରୁ ସ୍ନାନଶୌଚ ନିମନ୍ତେ ୩ କିମି ରାସ୍ତା ଧାତିକା ଗ୍ରାମକୁ ଯାଉଥିବା ନେଇ ସାହିର ରଇବାରୀ ମୁଣ୍ଡା, ମଞ୍ଜୁ ମୁଣ୍ଡା, ମଲ୍ଲୀ ମୁଣ୍ଡା, ଜିଙ୍ଗି ମୁଣ୍ଡା, ଜାନ ମୁଣ୍ଡା, ସୁଭଦ୍ରା ମୁଣ୍ଡା, ପାଲ ମୁଣ୍ଡା, ଯବାନୀ ମୁଣ୍ଡା, ବୁଦୁନୀ ମୁଣ୍ଡା, ଶ୍ୟାମସୁନ୍ଦର ଚମ୍ପିଆ, ଭାଗୀରଥି ଚମ୍ପିଆ, ସୁନିଆଁ ମୁଣ୍ଡା, ରାଜୁ ମୁଣ୍ଡା, ମଦନ ମୁଣ୍ଡା ବାବୁରାମ ମୁଣ୍ଡା କହିଛନ୍ତି। ସାହିର ଲୋକେ ଜଳକଷ୍ଟରେ ଅତିଷ୍ଠ ହୋଇପଡିଲେଣି। ଏନେଇ ସ୍ଥାନୀୟ ବିଡିଓ ହୃଦାନନ୍ଦ ଅଡାଙ୍କ ମତାମତ ଲୋଡିବାରୁ କହିଲେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ପଲେଇଙ୍କୁ ଘଟଣାର ତଦନ୍ତ ନିମନ୍ତେ କହିଛି। ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇ ସମସ୍ୟା ସମାଧାନ କରାଯିବ।

## ବୁଟ ଡାଲି ଅମଳକୁ ନେଇ ଚାଷୀଙ୍କୁ ସଚେତନତା



**ତେଲକୋଇ,୧୬।୩(ସମିସ):** କ୍ଷେତ୍ର ଦିବସ ଅବସରରେ ତେଲକୋଇ ବ୍ଲକ କୃଷି କାର୍ଯ୍ୟାଳୟ ସଭା ଗୃହରେ ଆଜି ଡାଲି ଜାତୀୟ ଫସଲ ଅମଳକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚାଷ ହୋଇଥିବା ବୁଟ ଡାଲିର ଅମଳ ସମୟ ହୋଇ ଯାଇଥିବାରୁ ସ୍ଥାନୀୟ ଚାଷୀଙ୍କୁ ଡାକି କୃଷି ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ତେଲକୋଇ ସଦର ପଞ୍ଚାୟତ ଅଞ୍ଚଳର ଚାଷୀ ଯୋଗ ଦେଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମକୁ କୃଷି ଅଧିଦର୍ଶକ ମନୋଜ କୁମାର ଦାସ ପରିଚାଳନା କରିଥିବା ବେଳେ ସ୍ଥାନୀୟ ସମିତି ସଭ୍ୟ ରଙ୍ଗାଧର ଓରାମ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ଦାୟିତ୍ୱରେ ଥିବା କୃଷି ଅଧିକାରୀ ଲକ୍ଷ୍ମୀ ଦେବୀ ଶର୍ମା ଚାଷୀଙ୍କୁ ବୁଟ ଡାଲି ଅମଳ ସମ୍ବନ୍ଧରେ ସଚେତନ କରାଇଥିଲେ। ଏହା ସହିତ ଆମ୍ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସରାସପୋଷିରେ ବିଜେଡି ପକ୍ଷରୁ ବନ୍ଧୁମିଳନ

**ମୋରଡା,୧୬।୩(ସମିସ):** ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକର ଦେଉଳି ପଞ୍ଚାୟତ ସରାସପୋଷି ଟାଙ୍କି ସାହିରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଶ୍ରୀ ଦାସ ମା' ମାଟି ପାଇଁ ଦିନଟିଏ କାର୍ଯ୍ୟକ୍ରମ କରି ଉକ୍ତ ସମାବେଶରେ ହଜାର ହଜାର ଜନସାଧାରଣଙ୍କ ଏକାଠି କରିପାରିଥିଲେ। ମୋରଡା।



ମାଟିର ସ୍ୱାଭିମାନ, ଅଧିକାର ପାଇଁ ଲଢେଇ ଜାରି ରହିବ ଏବଂ ସୁନାରି ସାଜି ସୁନାର ମୋରଡା ମାଟି ଗଢି ତୋଳିବା ପାଇଁ ଶ୍ରୀ ଦାସ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ସମାବେଶ ଆୟୋଜନରେ ଅମୀର ଖାନ, ସିପୁ ମୁଦୁଲି, ରାମଚନ୍ଦ୍ର ସି, ସୌରଭ କୁମାର ସେଠୀ, କରୁଣାକର ଦଳ, ମଦନ ନାୟକ, ବିକ୍ରତନ ଥୟାଲ, ସାକାଳ ଭାଇ, ଅଜିତ ଭକ୍ତା, ଅମିତ, ଟିକି, ବିଶୁ, ରାଜା, ରାଜେଶ, ପପୁ, ମୁନା ପ୍ରମୁଖ ସହଯୋଗ କରିଥିଲେ।

## ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ଗୋ ପ୍ରବଚନ



**ଯୋଡ଼ା,୧୬।୩(ସମିସ):** ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଯୋଡ଼ା ଶାଖା ଦ୍ୱାରା ୧୩ମ ବାର୍ଷିକ ଉତ୍ସବ ଶନିବାର ଶୁଭାରମ୍ଭ ହୋଇଯାଇଛି।ଏହି ଅବସରରେ ଯୋଡା ଶାଖା ଗାୟତ୍ରୀ ପରିବାର ଦ୍ୱାରା ନବ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ଆୟୋଜନ କରାଯାଇଛି। ଯୋଡା ସ୍ଥିତ ସେଣ୍ଟ ଟେରେସା ସ୍କୁଲ ନିକଟ ଖେଳପଡିଆ (ହୁଡିସାହି) ଠାରେ ଶନିବାର ଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ୪ ଦିବସୀୟ ଗାୟତ୍ରୀ ମହାଯଜ୍ଞର ପ୍ରଥମ ଦିବସରେ ୩ ନମ୍ବର ୱାର୍ଡ କାଉନସିଲର ରଶ୍ମିତା ପାଣିଗ୍ରାହୀ ମୁଖ୍ୟଅତିଥି ଓ ଗାୟତ୍ରୀ ପରିବାରର ଜିଲ୍ଲା ସଂଯୋଜକ ରମେଶଚନ୍ଦ୍ର ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସର୍ବପ୍ରଥମେ ମହାମନ୍ତ୍ର ଓ ବୈଦିକ ରୀତିନୀତି ପରମ୍ପରା ଅନୁଯାୟୀ ଧର୍ମଧ୍ୱଜା ଉତ୍ତୋଳନ ହୋଇଥିଲା। ତତ୍ପରେ ଯଜ୍ଞ ଆରମ୍ଭ ପୂର୍ବରୁ ୨୫୧ ଜଣ କନ୍ୟା ଓ ମହିଳା ମାନେ ହଳଦୀ ରଙ୍ଗର ବସ୍ତ୍ର ପରିଧାନ ପୂର୍ବକ ସୁନାନଦୀ ଘାଟରୁ ମନ୍ତ୍ର ଉଚ୍ଚାରଣ କରି କଳସୀରେ ପାଣି ଉଠାଇ ଶୋଭାଯାତ୍ରାରେ ଯଜ୍ଞ ସ୍ଥଳରେ ପହଞ୍ଚିଥିଲେ। ବ୍ରତଧାରୀଙ୍କ ପଦଧୌତ ପରେ ଜଳଭର୍ତ୍ତି କଳସୀ ସମୂହକୁ ଯଜ୍ଞ ମଣ୍ଡପରେ ସ୍ଥାପନ କରି ପରବର୍ତ୍ତୀ କାର୍ଯ୍ୟସୂଚୀ ଅନୁଯାୟୀ ମାଙ୍ଗଳିକ କାର୍ଯ୍ୟକ୍ରମ ସମୂହ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଯୁଗ ସଙ୍ଗୀତ ଓ ପ୍ରବଚନ କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି। ଉକ୍ତ କାର୍ଯ୍ୟକ୍ରମକୁ ସୁକଦେବ ବେହେରା, ଆଶିଷ ରାଉତ, ଗୌର ମୋହନ ପାତ୍ର, କ୍ଷୀରୋଦ ପାତ୍ର, ଯୋଡ଼ା ବ୍ଲକ ସଂଯୋଜକ ମାନସ ପଟ୍ଟନାୟକଙ୍କ ସମେତ ଅନ୍ୟ ଗାୟତ୍ରୀ ପରିବାର ସଦସ୍ୟ ମାନେ ସହଯୋଗ କରିଥିଲେ।

## ଘର ନ କରି ଯନ୍ତ୍ରୀ ଉଠାଇନେଲେ ଅନୁଦାନ ଅର୍ଥ

**ହାଟଡ଼ିହୀ,୧୬।୩(ସମିସ):** ସାଧାରଣ ଗରିବ ହିତାଧିକାରୀଙ୍କୁ ପକ୍କାଗୃହ ଯୋଜନାରେ ଅନ୍ତର୍ଭୁକ୍ତ କରି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ପ୍ରୟାସ କରାଯାଉଥିବା ବେଳେ କିଛି କର୍ମଚାରୀ ଓ ଅଧିକାରୀଙ୍କ ପାଇଁ ତାହା ସଠିକ୍ ଭାବରେ କାର୍ଯ୍ୟକାରୀ ହେଉନାହିଁ। ଫଳରେ ହିତାଧିକାରୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ଉକ୍ତ ହିତାଧିକାରୀଙ୍କ ଗୃହ ନିର୍ମାଣ ହୋଇନଥିବା ସ୍ଥଳେ ତାଙ୍କ ନାମରେ ସମ୍ପୂର୍ଣ୍ଣ ବିଲ୍ ଉଠାଯାଇଥିବା ନେଇ ସେ ଅଭିଯୋଗ କରିଛନ୍ତି। ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ହିତାଧିକାରୀଙ୍କ ଗୃହ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଇ ଅର୍ଥ ଉଠାଇନେବା ଘଟଣା ଏବେ ସାଧାରଣରେ ଚର୍ଚ୍ଚାର ମୁଖ୍ୟ ପ୍ରସଙ୍ଗ ପାଲଟିଛି।



ଅର୍ଥ ହଡ଼ପ ଅଭିଯୋଗ ଆଣିଲେ ହିତାଧିକାରୀ

ସୂଚନା ଅନୁସାରେ ହାଟଡ଼ିହୀ ବ୍ଲକ୍ ସୋସୋ ପଞ୍ଚାୟତ ବେରୁଣପଦି ଗ୍ରାମର ହେମନ୍ତ ବେହେରା ଜଣେ ପକ୍କାଗୃହ ହିତାଧିକାରୀ। ପ୍ରଥମେ ତାଙ୍କ ପାସ୍‌ବୁକ୍‌କୁ ୨୦ହଜାର ଟଙ୍କା ଘର କାର୍ଯ୍ୟ ଆରମ୍ଭ ପାଇଁ ଆସିଥିଲା। କିନ୍ତୁ ହିତାଧିକାରୀ ଘର ନିର୍ମାଣ କରି ପାରିନଥିଲେ। ଏହିପରି ବହୁ ହିତାଧିକାରୀ ଘର ସମ୍ପୂର୍ଣ୍ଣ କିମ୍ବା ଆରମ୍ଭ କରିପାରିନଥିବାରୁ ଏହାକୁ ଦୃଷ୍ଟିରେ ରଖି ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ସେହି ଘର ଗୁଡ଼ିକ ଯନ୍ତ୍ରୀମାନେ ନିଜ ଦାୟିତ୍ୱରେ ସମ୍ପୂର୍ଣ୍ଣ କରିବା ସହ ଗୃହର ଅର୍ଥ ଯନ୍ତ୍ରୀଙ୍କ ବ୍ୟାଙ୍କ ଖାତକୁ ଯିବା ନେଇ ଧାର୍ଯ୍ୟ ହୋଇଥିଲା ଏବଂ ଏଥିରେ ହିତାଧିକାରୀ ସହଯୋଗ କରିବାକୁ ସ୍ପଷ୍ଟ କରାଯାଇଥିଲା। ନିର୍ଦ୍ଦେଶ ଅନୁଯାୟୀ ପଞ୍ଚାୟତରେ ଥିବା ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ହିତାଧିକାରୀ ହେମନ୍ତ ବେହେରାଙ୍କୁ ଘର ନିର୍ମାଣ କରିବାକୁ କହିଥିଲେ। ଘର କେଉଁଠି ନିର୍ମାଣ କରାଯିବ ସେ ଜାଗା ମଧ୍ୟ ହିତାଧିକାରୀ ଦେଖାଇବା ପରେ ଜିଓ ଟ୍ୟାଗ୍ ହୋଇଥିଲା। କିନ୍ତୁ ଯନ୍ତ୍ରୀ ଘର କରିନଥିଲେ। ଯନ୍ତ୍ରୀ ଅତି ଚତୁରତାର ସହ ହେମନ୍ତ ବେହେରାଙ୍କ ନାମରେ ଘର ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଇ ୧ଲକ୍ଷ ୧୦ହଜାର ଟଙ୍କା ଉଠାଇ ନେଇଥିଲେ। ଦୀର୍ଘମାସ ବିତିଯାଇଥିଲେ ମଧ୍ୟ ହିତାଧିକାରୀଙ୍କ ଘର ନ ହେବାରୁ ହିତାଧିକାରୀ ଖୋଳତାଡ଼ କରିବା ପରେ ଯନ୍ତ୍ରୀଙ୍କ ବ୍ୟାଙ୍କ ଖାତାକୁ ୧ଲକ୍ଷ ୧୦ହଜାର ଟଙ୍କା ଯାଇଥିବା ସେ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେଇ ଘର ନକରି ହିତାଧିକାରୀଙ୍କ ଉଠାଇ ନେଇଥିବା ଅର୍ଥ ସମ୍ପର୍କରେ ତଦନ୍ତ କରି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ବଡ଼ପଦନା ଛକରେ ବାଇକ୍ ଦୁର୍ଘଟଣା; ଜଣେ ଗୁରୁତର

**ରାମଚନ୍ଦ୍ରପୁର,୧୬ ।୩(ସମିସ):** ୨୦ ନମ୍ବର ଜାତୀୟ ରାଜପଥ ବଡପଦନା ଛକରେ ରାତି ସାଢେ ୮ ଟା ସମୟରେ ଜଣେ ବାଇକ୍ ଆରୋହୀ ଦୁର୍ଘଟଣାର ସମ୍ମୁଖିନ ହୋଇ ଗୁରୁତର ଆହାତ ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଆହାତ ବ୍ୟକ୍ତି ଜଣକ ସ୍ଥାନୀୟ ଭଗାନଇ ଗ୍ରାମର ଶ୍ରୀଧର ସାମଲ (୬୨)ବୋଲି ଜଣାପଡିଛି। ସେ କୌଣସି କାମରେ ଯାଜପୁର ରୋଡରୁ ନିଜ ଗାଁକୁ ଫେରୁଥିବା ସମୟରେ ବଡପଦନା ଛକ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଏନ୍‌ଏଚ୍‌ଆଇ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ପଠାଇଦେଇଥିଲେ।

## ଭାଲୁ ଆକ୍ରମଣରେ ୨ଯୁବକ ଗୁରୁତର

**ହାଟଡ଼ିହୀ,୧୬।୩(ସମିସ):** କେନ୍ଦୁଝର ଜିଲ୍ଲା ସୋସୋ ଥାନା ଅଧୀନ ପୁରୁଣାପାଣି ଗ୍ରାମର ୨ଜଣ ଯୁବକ ଭାଲୁ ଆକ୍ରମଣରେ ଶିକାର ହୋଇ ଗୁରୁତର ହୋଇଥିବା ଜଣାଯାଇଛି। ସୂଚନା ଅନୁସାରେ, ପୁରୁଣାପାଣି ଗ୍ରାମର ଗଙ୍ଗା ହେମ୍ବ୍ରମ ଓ ସଂଗ୍ରାମ ଟୁଡୁ ମିଶି ଆଜି ସନ୍ଧ୍ୟା ସମୟରେ କାମରୁ ଫେରି କାଳିଆମ୍ବ ନିକଟସ୍ଥ ଡ୍ୟାମକୁ ଗାଧୋଇବାକୁ ଯାଇଥିଲା ବେଳେ ଭାଲୁ ସହ ମୁହାମୁହିଁ ହେବାରୁ ସେମାନେ ଭାଲୁ ହାବୁଡ଼ରୁ ଖସିବାକୁ ଚେଷ୍ଟା କରି ବିଫଳ ହୋଇଥିଲା ବେଳେ ଉକ୍ତ ୨ଯୁବକଙ୍କୁ ଭାଲୁ ଆକ୍ରମଣ କରି ଲହୁଲୁହାଣ କରିଥିଲା। ସ୍ଥାନୀୟ ଲୋକଙ୍କ ସହାୟତା କ୍ରମେ ୨ଗୁରୁତର ଯୁବକଙ୍କୁ ଉଦ୍ଧାର କରାଯାଇ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିବା ସୂଚନା ମିଳିଛି।

## ଉପଖଣ୍ଡସ୍ତରୀୟ ଭୂମିଜ ଭାଷା ବାର୍ଷିକ ପରୀକ୍ଷା

**ରାଇରଙ୍ଗପୁର,୧୬ ।୩(ସମିସ):** ଟାଟାଷ୍ଟିଲ୍ ଫାଉଣ୍ଡେସନ୍ ତିରିଲଡ଼ି ଅୟନ ଆଖାଳା ଝାଡଖଣ୍ଡ ତରଫରୁ ଭୂମିଜ ଭାଷା ସ୍କୁଲ ଓଡ଼ିଶାରେ ୫ଟି ବ୍ଲକ ଜାମଦା, କୁସୁମୀ, ରାଇରଙ୍ଗପୁର, ବିଜାତଳା, ବହଳଦା ମିଶି ୧୦ଟି ଭୂମିଜ ଭାଷା ଆଖଳା (ସ୍କୁଲ) ପରିଚାଳିତ ହେଉଛି। ସେଥିମଧ୍ୟରୁ ଜାମଦା ବ୍ଲକରେ ୩ଟି ପରୀକ୍ଷା କେନ୍ଦ୍ରରୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କଇଁପୁର କେନ୍ଦ୍ରରୁ ୪୦ଜଣ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜଟାପାଣିରୁ ୪୬ଜଣ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବସନ୍ତପୁରରୁ ୫୦ ଜଣ, କୁସୁମୀ ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାତପଉଟିଆରୁ ୪୫ ଜଣ, ସରକାରୀ ଉପ୍ରା ବିଦ୍ୟାଳୟ ଭୋଳବେଡ଼ା ପରୀକ୍ଷା କେନ୍ଦ୍ରରୁ ୫୧ ଜଣ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଅଲଅନଲର ସଂଯୋଜକ ସମାୟ ସର୍ଦ୍ଦାର ଏବଂ ଅଲଚିକିର ସଂଯୋଜକ ସୀତାରାମ୍ ଟୁଡୁ ପରୀକ୍ଷାକେନ୍ଦ୍ର ପରିଦର୍ଶନ କରିଥିଲେ। କୁମାର ସାଣ୍ଡିଲ୍, ମଙ୍ଗଲ ସର୍ଦ୍ଦାର, ମନୋଜ କୁମାର ସିଂ, କୁମାରୀ ନାଗୀ ଭୂମିଜ, କାଶୀନାଥ ହେମ୍ବ୍ରମ, ଗୋପୀନାଥ ପାଚେରୀ, ଶ୍ରୀରାମ ପାଚେରୀ, କୁମାରୀ ପାନୀ ସିଂ, ମିନୁ ସିଂ, ସୁନାରାଂ ସିଂ, ସମ୍ବାରୀ ସିଂ ପ୍ରମୁଖ ପରୀକ୍ଷା ପରିଚାଳନା କରିଥିଲେ।

## ଜନାଭିମୁଖି କାର୍ଯ୍ୟର ଶିଳାନ୍ୟାସ କଲେ ମନ୍ତ୍ରୀ



**କୁଳିଅଣା,୧୬।୩(ସମିସ):** କୁଳିଅଣା ବ୍ଲକ୍‌ରେ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ହଳଦିଆ ବନ୍ଧରେ ପର୍ଯ୍ୟଟନସ୍ଥଳର ଭିତ୍ତିଭୂମି ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ୨କୋଟି ୫୬ ଲକ୍ଷ ଟଙ୍କାର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ନିର୍ବାଚନ ତାରିଖ ଘୋଷଣା ଦିନ ତଥା ଶେଷ ଦିନରେ ବିଦ୍ୟାଳୟ ଓ ଗଣଶିକ୍ଷା ଶିକ୍ଷାମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଦ୍ୱାରା ଏହି ଶିଳାନ୍ୟାସ କରାଯାଇଛି। କୁଳିଅଣା ବ୍ଲକ୍ ଅଧ୍ୟକ୍ଷା ଦୀପିକା ସିଂ, ଜିଲ୍ଲା ପରିଷଦ ସଦସ୍ୟ ଦୁର୍ଗା ମାର୍ଣ୍ଡି, ଆନନ୍ଦଚନ୍ଦ୍ର ଟୁଡୁ, କୁଳିଅଣା ବ୍ଲକ୍ ବିଜେଡ଼ି ସଭାପତି ଶୁଭ୍ରାଂଶୁ ଶେଖର ଦେଓ ବାବୁ ସମେତ ଶତାଧିକ ବିଜେଡ଼ି କର୍ମୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

## ମୁହଁରେ କଳାପଟି ବାନ୍ଧି ପ୍ରତିବାଦ କଲେ ସାମ୍ବାଦିକ



**ମୋରଡା,୧୬।୩(ସମିସ):** ଶନିବାର ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ସାମ୍ବାଦିକ ସଙ୍ଘ ପକ୍ଷରୁ ବିଡ଼ିଓଙ୍କ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସରକାର ସମସ୍ତ କର୍ମଚାରୀଙ୍କ ଭତ୍ତା, ଅନୁଦାନ ବୃଦ୍ଧି କରିଥିବା ବେଳେ କାର୍ଯ୍ୟରତ ସାମ୍ବାଦିକଙ୍କ ମାସିକ ଭତ୍ତା ପ୍ରଦାନ ଏବଂ ସାମ୍ବାଦିକଙ୍କ ସୁରକ୍ଷା ଦୀର୍ଘଦିନର ଦାବିଥିଲେ ମଧ୍ୟ ସରକାରୀସ୍ତରରେ ଉପେକ୍ଷା କରାଯାଉଛି। ତେଣୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ମୋରଡା ବିଡ଼ିଓ ଅଣାକର ନାଏକ ସାଧାରଣ ନିର୍ବାଚନ ପାଇଁ ଟ୍ରେନିଂରେ ଥିବାରୁ ବ୍ଲକ କାର୍ଯ୍ୟାଳୟର ମୁଖ୍ୟ କିରାଣୀ ଅତନୁ ଦେବଦର୍ଶନ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ସମସ୍ତ ସାମ୍ବାଦିକ ମୁହଁରେ କଳାପଟି ପିନ୍ଧିଥିଲେ ଏବଂ ମୋରଡା ବ୍ଲକର ସାମ୍ବାଦିକ ସଙ୍ଘର ସଦସ୍ୟ ଉପସ୍ଥିତ ଥିଲେ।

## ଲକ୍ଷ୍ମୀକାନ୍ତ କଲେଜ ଇଂରାଜୀ ସମ୍ମାନ ବିଭାଗର ବିଦାୟୀ ଉତ୍ସବ




**ବାଙ୍ଗିରିପୋଷି ,୧୬।୩(ସମିସ):** ଲକ୍ଷ୍ମୀକାନ୍ତ ଲକ୍ଷ୍ମୀକାନ୍ତ କଲେଜର ଇଂରାଜୀ ସମ୍ମାନ ବିଭାଗର ବିଦାୟ ଉତ୍ସବ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ସତ୍ୟନାରାୟଣ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷା ଡ଼. ପୁଷ୍ପା ପାତ୍ର ଏବଂ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ହରିହର ଶଙ୍ଖୁଆ ଯୋଗଦେଇ ବିଦାୟୀ ଛାତ୍ରଛାତ୍ରୀଙ୍କୁ ନିଜ ଭିତରେ ଥିବା ଅନ୍ତର୍ନିହିତ ପ୍ରଜ୍ଞାର ବିକାଶ କରିବା ପାଇଁ ଉପଦେଶ ଦେଇଥିଲେ। ଛାତ୍ରୀ ମିନତୀ ଟୁଡୁ ପ୍ରାରମ୍ଭିକ ଅଭିଭାଷଣ ଦେଇଥିଲେ। ମୁଖ୍ୟ ପ୍ରାଧ୍ୟାପକ ସତ୍ୟନାରାୟଣ ସାମଲ ଉତ୍ସବ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପିକା ଚିସ୍ତୀ ଦାସଙ୍କ ମାର୍ଗ ଦର୍ଶନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦାୟୀ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସୌରଜିତ, ନିବେଦିତା ଏବଂ ଶିବ ସେମାନଙ୍କ ବିଭାଗରେ ୩ ବର୍ଷର ସ୍ମୃତି ମଧୁର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଅନ୍ୟତମ ବିଦାୟ ଛାତ୍ରଛାତ୍ରୀ ସୁଭସ୍ମିତା, ସୁମନ୍ତ, ବିଶ୍ୱଜିତ୍, ଜଗନ୍, ଲକ୍ଷ୍ମୀପ୍ରିୟା, ସସ୍ମିତା, ରଶ୍ମିତା, ବାଦଲ, ବୁଦୁରାମ, ବଳବିନ୍ଦର୍, କାରୁ, ମହେନ୍ଦ୍ର, ଆଲାଦି, ଚମ୍ପା, କାରିଆ, ସତ୍ୟଜିତ ମଧ୍ୟ ଉପସ୍ଥିତ ଥିଲେ। ଛାତ୍ର ବିଜୟ, ଫୁଦାନ, ସାଖେନ୍ ନୃତ୍ୟ ଏବଂ ସଙ୍ଗୀତ ପରିବେଷଣ କରିଥିଲେ। ଛାତ୍ରୀ ଅଙ୍କିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ବୈତରଣୀ କୂଳରେ ମାଳ ମାଳ ବାଲିଘାଟ

**ସୋସୋ,୧୬।୩(ସମିସ):** ହାଟଡିହୀ ବ୍ଲକର ବୈତରଣୀ ନଦୀ କୂଳରେ ସରକାରୀ ଓ ବେସରକାରୀ ବାଲିଘାଟ ମାଳ ମାଳ ଚାଲୁଛି। ସରକାରୀ ନିତିନିୟମକୁ ବାଲି ମାଫିଆ ଫୁ' କରି ବାଲି ଚୋରାଚାଲାଣ କରୁଛନ୍ତି। ବାଲିଘାଟ ନିଲାମ ସମୟରେ ଜନଶୁଣାଣି ହୋଇଥାଏ। ଏଥିରେ ସରକାରୀ ନିତିନିୟମ ପାଳନ କରିବା ସହିତ ରାସ୍ତାରେ ପାଣି ପକାଇବା, ନଷ୍ଟ ହୋଇଥିବା ଗଛକୁ ସେ ଅଞ୍ଚଳରେ ଚାରାରୋପଣ କରିବା, ଛାତ୍ରଛାତ୍ରୀ ସ୍କୁଲ ଯିବା ସମୟ ଓ ଛୁଟି ହେବା ସମୟରେ ଗାଡି ଚଳାଚଳ ବନ୍ଦ କରିବା, ଓଭର ଲୋଡି ଇତ୍ୟାଦି ନିୟମ ପାଳନ କରିବାକୁ କୁହାଯାଉ ଥିବା ବେଳେ ବାଲିମାଫିଆ ମାନେ ବାଲି ଉତ୍ତୋଳନ ପାଇଁ ଅନୁମତି ପାଇବା ପରେ ନିଲାମଧାରୀ ନିତିନିୟମକୁ ଭୁଲିଯାଇ ନିଜ ନିତିନିୟମରେ ବାଲିଗାଡି ପରିବହନ କରୁଛନ୍ତି। ଘାଟରେ ପ୍ରଶାସନର ଆଙ୍କୁଶ ନଥିବାରୁ ଦୈନିକ ସହ ସହ ଟ୍ରିପ୍ ହାଇୱାରେ ଓଭର ଲୋଡିଂ ଭାବେ ବାଲି ପରିବହନ ହେଉଛି। ବାଲି ଚୋରା ଚାଲାଣ କରାଯାଉଥିବାରୁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜ୍ୟସ୍ୱ କ୍ଷତି ଘଟୁଛି। ସମଣା-ରଣା ରାସ୍ତା , ହାବଳେଶ୍ୱର-ଡଅଁର ଦେଇ ବାଲିଗାଡିଗୁଡିକ ଯାତାୟତ କରୁଥିବାରୁ ଯାତାୟାତରେ ସାଧାରଣ ଲୋକ ଅତିଷ୍ଠ ହୋଇ ପଡୁଛନ୍ତି। ରାସ୍ତାରେ ବାଲି ଗାଡିରୁ ବାଲି ଖସି ରାସ୍ତାରେ ପଡି ଇଞ୍ଚେ ଦୁଇ ଇଞ୍ଚ ବହଳରେ ପଡିଥିବାରୁ ବିପଦ ସୃଷ୍ଟି କରିବା ସହିତ ବହୁ ରାସ୍ତା ଖାଲଖମା ହୋଇପଡିଛି। ବାଲିଘାଟ ରାଜସ୍ୱ ବିଭାଗ ଅଧୀନରେ ନଥିବାରୁ ବାଲିମାଫିଆଙ୍କୁ ବେଆଇନ ଭାବେ ଉତ୍ତୋଳନ କରିବା ପାଇଁ ସୁବିଧା ହେଉଛି।

## ଜାତୀୟ ରାଜପଥ ବିଭାଗ କର୍ତ୍ତୃପକ୍ଷ ବେଫିକର

# ଜନସ୍ୱାର୍ଥ ମାମଲା ଦାଏର କରିବେ ମୃତକଙ୍କ ପରିବାର

**ଆନନ୍ଦପୁର,୧୬।୩(ସମିସ):** ୨୦ ନମ୍ବର ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ହୋଇ ଧନଜୀବନ ହାନି ହେଉଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏଦିଗରେ ଆବଶ୍ୟକୀୟ ପଦକ୍ଷେପ ନେଉନଥିବାରୁ ଅନେକ ପରିବାର ଉଜୁଡି ଗଲାଣି। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଏପରି ମନୋଭାବ ପ୍ରତିବାଦରେ କେତେକ ମୃତକ ପରିବାର ଜନସ୍ୱାର୍ଥ ମାମଲା ଦାଏର କରିବାକୁ ପ୍ରସ୍ତୁତ ହେଉଥିବା ଆଲୋଚନାରୁ ଜଣାଯାଇଛି। ଆନନ୍ଦପୁରର ଶାଳପଡା ନିକଟରେ ଥିବା ଦୁଇଟି ଡାଇଭର୍ସନ ରାସ୍ତାକୁ ବନ୍ଦ କରିଦିଆଯିବାର ଚାରି ମାସ ବିତିଯାଇଥିଲେ ମଧ୍ୟ ଏଠାରେ ରାସ୍ତା ନିର୍ମାଣ ପାଇଁ କୌଣସି ପଦକ୍ଷେପ ନିଆଯାଉନଥିବାରୁ ବାରମ୍ବାର ଦୁର୍ଘଟଣା ହେଉଥିବା ଗୁରୁତର ଅଭିଯୋଗ ହୋଇଛି। ଅଧପନ୍ତରିଆ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିବା ବେଳେ ନିକଟରେ ଘଟିଥିବା ଦୁର୍ଘଟଣାରେ ଦୁଇଜଣ ବାଇକ୍ ଆରୋହୀଙ୍କ ଜୀବନ ଯାଇଛି। ଖପରାଖାଇଠାରୁ ବେଲବାହାଳି ପର୍ଯ୍ୟନ୍ତ ଏକପାଖିଆ ରାସ୍ତାରେ ଲୋକେ ବିପଦପୂର୍ଣ୍ଣ ଭାବେ ଯାତ୍ରା କରୁଛନ୍ତି। ୨୦ ନମ୍ବର ଜାତୀୟ ରାଜପଥର ଖପରାଖାଇ ବାଇପାସ୍ ଠାରୁ ଶାଳପଡା, ବାରିଗାଁ ପର୍ଯ୍ୟନ୍ତ ରାସ୍ତା ଅଧପନ୍ତରିଆ ହୋଇ ପଡିରହିଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିଲା। ନଭେମ୍ବର ୩ରେ ବାରିଗାଁ ଡାଇଭର୍ସନ ନିକଟରେ ବାଇକ୍‌ରେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ହାଇୱା ଧକ୍କାରେ ଦୁଇଭାଇଙ୍କ ସମେତ ତିନିଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୭ ତାରିଖ ଅପରାହ୍ନରେ ବାରିଗାଁ ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରକ ସାଇକଲରେ ଯାଉଥିବା ଦେଓଗାଁ ପଞ୍ଚାୟତ ଡିହସାହି ଗ୍ରାମର କଣ୍ଟବାସ ନାୟକ( ୭୦)ଙ୍କୁ ଧକ୍କା ଦେଇ ଘୋଷାରି ନେବାରୁ ସେ ଗୁରୁତର ଆହତ ହୋଇଥିଲେ। ଠିକ୍ ୧୨ ଘଣ୍ଟା ପରେ ଶାଳପଡା ନିକଟରେ ଏକ ଲୁହାପଥର ବୋଝେଇ ଟ୍ରକ୍ ରାସ୍ତାରୁ ୩୦ ଫୁଟ୍ ତଳକୁ ଖସିପଡିବାରୁ ଡ୍ରାଇଭର ଅସ୍ତରଙ୍ଗ ଅଞ୍ଚଳର ବିଷ୍ଣୁ ବାରିକଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଅବରୋଧ କରିବାରୁ ପ୍ରଶାସନ ପକ୍ଷରୁ ବାରିଗାଁ ପେଟ୍ରୋଲ ପମ୍ପ ନିକଟରେ ଥିବା ଡାଇଭର୍ସନକୁ ବନ୍ଦ କରି ଦିଆଯାଇଛି। କେନ୍ଦୁଝର ଏସ୍‌ପି, ପରିବହନ ଅଧିକାରୀ, ଏନ୍‌ଏଚ୍‌ଆଇର ଅଧିକାରୀମାନେ ପହଞ୍ଚି ଦୁର୍ଘଟଣା ପ୍ରବଣ ଜୋନ୍ ଅଞ୍ଚଳ ପରିଦର୍ଶନ କରିଥିଲେ। ସେହିଦିନଠାରୁ ଖପରାଖାଇଠାରୁ ବେଲବାହାଳି ପର୍ଯ୍ୟନ୍ତ ଗୋଟିଏ ପାଶ୍ୱର୍ରେ ଗାଡ଼ି ଚଳାଚଳ କରୁଛି। ଖପରାଖାଇ ନିକଟରେ ମାଟି ପକାଯାଇ ରାସ୍ତା ବନ୍ଦ କରାଯାଇଛି। ଏହି ରାସ୍ତାରେ ସବୁ ସମୟରେ ବିପଦ ରହୁଥିବାରୁ ବାଇକ୍, ସାଇକଲ ଆରୋହୀମାନେ ଅନ୍ୟପାଶ୍ୱର୍ରେ ଯାତାୟତ କରୁଛନ୍ତି। ଘସିପୁରା ବସ୍‌ଷ୍ଟାଣ୍ଡ ଆଡୁ ଆସିବା ସମୟରେ ଗାଡିଗୁଡିକ ସିଧାସଳଖ ଜାତୀୟ ରାଜପଥରେ ମୁହାଁମୁହିଁ ହେଉଥିବାରୁ କୌଣସି ମୁହୂର୍ତ୍ତରେ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଇତିମଧ୍ୟରେ ୪ ମାସ ବିତିଯାଇଥିଲେ ମଧ୍ୟ ଏନ୍‌ଏଚ୍‌ଆଇ ରାସ୍ତା ନିର୍ମାଣ କରିବା ପରିବର୍ତ୍ତେ ବେଫିକର ହୋଇଯାଇଛି। ଗତ ବୁଧବାର ଦୁର୍ଘଟଣାରେ ଦୁଇ ବାଇକ ଆରୋହୀ ଆନନ୍ଦପୁର ବଡ଼ଦାଣ୍ଡର କାର୍ତ୍ତିକ ସେଠୀ ଓ ରାମଚନ୍ଦ୍ରପୁର ଥାନା ରାଇତୋଳା ଗ୍ରାମର ଭରତ ରଣାଙ୍କ ମୃତ୍ୟୁ ଘଟିଛି। କେନ୍ଦୁଝର ସମେତ ଯାଜପୁର, ଭଦ୍ରକ, ମୟୂରଭଞ୍ଜ ଜିଲ୍ଲା ସଂଯୋଗ କରୁଥିବା ଶାଳପଡା ଛକ ଦେଇ ପ୍ରତିଦିନ ଶହ ଶହ ଗାଡି ଚଳାଚଳ କରୁଛି। ବର୍ଷ ବର୍ଷ ଧରି ଏଠାରେ ରାସ୍ତା ନିର୍ମାଣ ହେଉନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଲୋକେ ଏଠାରେ ଏକ ଅଣ୍ଡରପାସ୍ ନିର୍ମାଣ ପାଇଁ ଦାବି କରୁଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏନେଇ କେତେକ ମୃତକ ପରିବାର ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ବିରୋଧରେ ଜନସ୍ୱାର୍ଥ ମାମଲା ଦାଏର କରିବାକୁ ଅଣ୍ଟା ଭିଡୁଥିବା ଆଲୋଚନାରୁ ଜଣାଯାଇଛି।



## ପ୍ରଧାନଶିକ୍ଷକଙ୍କୁ ପଞ୍ଚାୟତ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା



**ଯାଜପୁର,୧୬ ।୩(ସମିସ):** ପାଣିକୋଇଲିସ୍ଥ ମା' ତାରିଣୀ ବାଳିକା ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୂର୍ଯ୍ୟନାରାୟଣ ରାୟଙ୍କୁ ଭୁବନେଶ୍ୱରପୁର ପଞ୍ଚାୟତ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଅନନ୍ତବାସୁଦେବ ପୀଠ ପରିସରରେ ଥିବା କଲ୍ୟାଣ ମଣ୍ଡପରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଧିରେଶ ଦାସ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଯାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡା, ମୁଖ୍ୟବକ୍ତା ଭାବେ ସାମ୍ୟବାଦୀ ନେତା ସନ୍ତୋଷ ଦାସ, ଅତିଥି ଭାବେ ଶିକ୍ଷାବିତ ସୁରେନ୍ଦ୍ର କୁମାର ରାୟ, ପୂର୍ବତନ ସରପଞ୍ଚ ଜଗବନ୍ଧୁ ପଣ୍ଡା, ଶିକ୍ଷୟିତ୍ରୀ ଗୀତାରାଣୀ ପଣ୍ଡା, ଅରୁଣ କୁମାର ସାହୁ, ଶିକ୍ଷକ ସେକ୍ ରାଜୁ, ଅଶୋକ ବିଶ୍ୱାଳ, ସୁଧାକର ଧଳ, ପ୍ରଫୁଲ୍ଲ ସାହୁ, ସରପଞ୍ଚ ମନିଦୀପା ରାୟ, ସମିତିସଭ୍ୟା ଜୟପ୍ରଦା ଦାସ ପ୍ରମୁଖ ଯୋଗଦେଇ ଶ୍ରୀ ରାୟଙ୍କ ବହୁମୁଖୀ କାର୍ଯ୍ୟଧାରା ସଂପର୍କରେ ଆଲୋକପାତ କରିଥିଲେ । ଏ ଅବସରରେ ବହୁ ବ୍ୟକ୍ତିବିଶେଷ ଓ ସଂଗଠନର ସଦସ୍ୟଙ୍କ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

## ଭୋଟର ସଚେତନତା କାର୍ଯ୍ୟକ୍ରମ

**ବିଂଝାରପୁର,୧୬।୩(ସମିସ):** ବିଂଝାରପୁର ବ୍ଲକର ମାଁସଡାସ୍ଥ ଡିଭାଇନ ପାୱାର ୟୁଥ୍ କ୍ଲବ ଆନୁକୂଲ୍ୟରେ ନେହେରୁ ଯୁବା କେନ୍ଦ୍ର ପ୍ରାୟୋଜିତ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡିଭାଇନ ପାୱାର ୟୁଥ୍ କ୍ଲବର ସଦସ୍ୟ ଶୋଭାଯାତ୍ରା, ଘର ଘର ପରିକ୍ରମା ସହିତ ପଥପ୍ରାନ୍ତ ସଭା ମାଧ୍ୟମରେ ଭୋଟରଙ୍କୁ ସଚେତନ କରିଥିଲେ । ଶିକ୍ଷାବିତ୍ ସନ୍ତୋଷ କୁମାର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଡିଭାଇନ ପାୱାର ୟୁଥ୍ କ୍ଲବ୍‌ର ଭୋଟର ସଚେତନତା ରାଲି ବିଞ୍ଝାରପୁର ବ୍ଲକର ମାଂସଡାଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଶତାଧିକ ଗ୍ରାମବାସୀ ପ୍ଲାକାର୍ଡ ଧରି ଲୋକଙ୍କୁ ଠିକ୍ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ସଚେତନ କରିଥିଲେ । ଏହି ରାଲିରେ ପ୍ରଭାତୀ ରାଉତ, ମିନତୀ ବେହେରା, ସୋନାଲି ରଣା,




ମନୋଜ କୁମାର ପାଢ଼ୀ, ପରମେଶ୍ୱର ସାହୁ, ସୁଚିସ୍ମିତା ଦାସ, ସିଗୁଲି ସାହୁ, ସିପ୍ରା ଦାସ, ସୌମ୍ୟରଞ୍ଜନ ବେହେରା ସହଯୋଗ କରିଥିଲେ ।

## ସାମ୍ବାଦିକଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ



**ବ୍ୟାସନଗର,୧୬ ।୩(ସମିସ):** ବ୍ୟାସନଗର ସହରର ଗୋପବନ୍ଧୁ ଛକରେ ଶନିବାର ଯାଜପୁରରୋଡ୍‌ର ବିଭିନ୍ନ ବର୍ଗର ସାମ୍ବାଦିକଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ବ୍ୟାସନଗର ସହରରେ ବିଭିନ୍ନ ଦାବି ନେଇ ସାମ୍ବାଦିକମାନେ ବିକ୍ଷୋଭ କରିଥିଲେ । ଏହି ଦାବିକୁ ଯଥାଶୀଘ୍ର ପୂରଣ କରାଯିବାକୁ ସାମ୍ବାଦିକଙ୍କ ପକ୍ଷରୁ ଦାବି କରାଯାଇଛି । ଏହି ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଯଜ୍ଞଦତ୍ତ ତ୍ରିପାଠୀ, ପ୍ରଦ୍ୟୁମ୍ନ ବୋଇତାଇ, ଅଭିମନ୍ୟୁ ମିଶ୍ର, ପ୍ରଶାନ୍ତ କୁମାର ପାତ୍ର, ସୁଦୀପ ମିଶ୍ର, କୈଳାସ ରାଉତ, ଚକ୍ରଧର ଦାସ, ସନ୍ତୋଷ ରଥ, ପଦ୍ମଲୋଚନ ନାୟକ, ଜ୍ୟୋତି ଭୂୟାଁ, ଟୁନା ଗୁରୁ, କେଶବ ମଲିକ, ନବଘନ ସାହୁ ଓ ହରେକୃଷ୍ଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

### ● ପାଣ୍ଡୁବାହାଲି-ଓସ୍ତପାଳ ରାସ୍ତା

# ଠିକାଦାର ଅନୁପସ୍ଥିତ, ହେଉଛି ନିମ୍ନମାନର କାମ

**ଟମକା,୧୬।୩(ସମିସ)**

ଜନସାଧାରଣଙ୍କ ଗମନାଗମନ ସୁବିଧା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ଠିକାଦାରଙ୍କ ଖାମଖିଆଲ ମନୋଭାବ ଯୋଗୁଁ ପ୍ରଧାନମନ୍ତ୍ରୀ ସଡ଼କ ହେଉ ବା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ହେଉଥିବା ରାସ୍ତା ନିମ୍ନମାନର କାମ ଯୋଗୁଁ କିଛି ଦିନରେ ପିଚୁ ଉଠିଯିବାର ନଜିର ଅଛି । ଏଭଳି ଦେଖିବାକୁ ମିଳିଛି ପାଣ୍ଡୁବାହାଲି-ଓସ୍ତପାଳ ରାସ୍ତା କ୍ଷେତ୍ରରେ । ଠିକାଦାର ଅନୁପସ୍ଥିତ ରହୁଥିବାରୁ ଏହି ରାସ୍ତା କାମ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି ।

ସୂଚନା ମୁତାବକ, ଟମକା ଥାନା ଅନ୍ତର୍ଗତ ପାଣ୍ଡୁବାହାଳୀ ଛକଠାରୁ ଓସ୍ତପାଳ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ପାଇଁ ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମଞ୍ଜୁର ହୋଇ କାର୍ଯ୍ୟ ଚାଲୁଛି । ଦୁଃଖ ଓ ପରିତାପର ବିଷୟ କାର୍ଯ୍ୟାଦେଶ ପାଇଥିବା ଠିକାଦାର ଜଣକ ଘରେ ଆରାମରେ କମିଶନ ପାଇ ପେଟି ଠିକାଦାରଙ୍କୁ କାମ ଦାୟିତ୍ୱ ଦେଇ ଅଚିନ୍ତାରେ ବୁଲୁଛନ୍ତି । ରାସ୍ତାର ଅଧିକାଂଶ ପୁରୁଣା ପିଚୁ ରାସ୍ତାର ଉପରିଭାଗ ଅଳ୍ପ ମେସିନ୍‌ରେ ତାଡି ପିଚୁ କାମ କରୁଛନ୍ତି । ଯାହା ଅତ୍ୟନ୍ତ ନିମ୍ନମାନର କାମ ହେଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି । ସୂଚନା ଫଳକ ପ୍ରଥମେ ଲଗାଯିବାର ନିୟମ ଥିବାବେଳେ ଏଠି ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖାଯାଉଛି । ଟମକାରେ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ଥିଲେ ମଧ୍ୟ କନିଷ୍ଠ ଯନ୍ତ୍ରୀଙ୍କ ରାସ୍ତା କାମ ସମୟରେ ଉପସ୍ଥିତ ନ ରହିବା ଚକିତ କରୁଛି । ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ରହିଥାଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି । ନିମ୍ନମାନର କାମ ପାଇଁ ରାସ୍ତାର ସ୍ଥାୟିତ୍ୱ ପ୍ରତି ସନ୍ଦେହ ଉପୁଜୁଛି । ଏହାର ତଦାରଖ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।



## ଦୋକାନରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

**ଜଳିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ**



**ଦଶରଥପୁର,୧୬।୩ (ସମିସ)**

ଦଶରଥପୁର ବ୍ଲକ୍ ଖଣ୍ଡରା ପଞ୍ଚାୟତର ବାଲିପଦା ଛକରେ ଥିବା ଏକ ଭେରାଇଟି ଦୋକାନରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି । ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ କେହି ଦୁର୍ବୃତ୍ତ ଦୋକାନରେ ନିଆଁ ଲଗାଇ ଦେଇଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି ।

ସୂଚନା ମୁତାବକ, ବାଲିପଦା ଗ୍ରାମର ଅଜୁ ପାଗଳ ବାଲିପଦା ଛକରେ ଭେରାଇଟି ସାମଗ୍ରୀ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି । ପ୍ରତିଦିନ ଭଳି ଅଜୁ ଶୁକ୍ରବାର ରାତି ୧୦ଟା ସମୟରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ବିଳମ୍ବିତ ରାତିରେ ତାଙ୍କ ଭେରାଇଟି ଦୋକାନରେ ନିଆଁ ଲାଗିଥିବା ଦେଖି ଛକରେ ଥିବା ଅନ୍ୟ ଦୋକାନୀ ଯାଜପୁର ଅଗ୍ନିଶମ କେନ୍ଦ୍ରକୁ ସୂଚନା ଦେବା ସହିତ ଦୋକାନ ମାଲିକ ଅଜୁଙ୍କୁ ଜଣାଇଥିଲେ । ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଦୋକାନଟି ସମ୍ପୂର୍ଣ୍ଣ ଜଳିଯିବା ସହିତ ଦେକାନ ଭିତରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା । ଏ ସଂପର୍କରେ ଯାଜପୁର ଟାଉନ ଥାନାରେ ଅଭିଯୋଗ ହେବା ପରେ ପୁଲିସ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି ।

## ଜମିବାଡ଼ି ବିବାଦକୁ କେନ୍ଦ୍ର କରି ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

**ଯାଜପୁର,୧୬।୩(ସମିସ)**

ଜମିବାଡ଼ି ବିବାଦକୁ କେନ୍ଦ୍ର କରି ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି । ଦଶରଥପୁର ଥାନା ଅନ୍ତର୍ଗତ ରାହାସୋଇ ପଞ୍ଚାୟତର ଚମ୍ପା ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି । ଏଥିରେ ଗୁରୁତର ମହିଳା କୁସୁମଲତା ପଣ୍ଡା ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ଏ ନେଇ ଦଶରଥପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି ।

ଅଭିଯୋଗ ମୁତାବକ, କୁସୁମଲତା ଓ ତାଙ୍କ ପଡୋଶୀଙ୍କ ମଧ୍ୟରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ପୂର୍ବରୁ ବିବାଦ ଥିଲା । କୁସୁମଲତାଙ୍କ ୮୦ ବର୍ଷୀୟ ମାଆଙ୍କ ଶରୀର ଅସୁସ୍ଥ ଥିବାରୁ ମେଡିକାଲ ନେବା ପାଇଁ ଛକ ନିକଟକୁ ଅଟୋ ଡାକିବାକୁ ଯାଇଥିବାବେଳେ ପଡ଼ୋଶୀ ଓ ସାଥି ହଠାତ ତାଙ୍କୁ ପଥର ଓ ଠେଙ୍ଗା ସାହାଯ୍ୟରେ ଆକ୍ରମଣ କରିଥିଲେ । ସେଠାରେ କୁସୁମଲତା ରକ୍ତାକ୍ତ ହୋଇ ପଡିଯାଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେ ଏବେ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି । ଏ ନେଇ ଦଶରଥପୁର ଥାନାରେ ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।



## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



**ଯାଜପୁର ଟାଉନ, ୧୬ ।୩ (ସମିସ):** ଯାଜପୁର ପୌରାଞ୍ଚଳ ଅନ୍ତର୍ଗତ ସପନପୁର ଗ୍ରାମର ବାହବଳପୁର ମଧୁଙ୍ଗରାଜୀ ବିଦ୍ୟାଳୟର ପୂର୍ବତନ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କମଳାକାନ୍ତ ମିଶ୍ରଙ୍କ ୮୪ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ମିଶ୍ର ବହୁତ ଦିନ ଧରି ଅସୁସ୍ଥ ରହି ଚିକିତ୍ସିତ ହେଉଥିଲେ । ସ୍ୱର୍ଗତ ମିଶ୍ର ଜଣେ କର୍ତ୍ତବ୍ୟନିଷ୍ଠ, ସ୍ପଷ୍ଟବାଦୀ, ଦୃଢ଼ ସଂଗଠକ ଓ ଧର୍ମଗ୍ରନ୍ଥରେ ପ୍ରବୀଣ ବ୍ୟକ୍ତି ଥିଲେ । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ କୁମୁଦିନୀ ମିଶ୍ର, ଜ୍ୟେଷ୍ଠ ପୁତ୍ର ତୁଷାରକାନ୍ତ ମିଶ୍ର, ବଡ଼ଝିଅ ମମତା ମିଶ୍ର, କନିଷ୍ଠ ପୁତ୍ର କିଶୋର କାନ୍ତ ମିଶ୍ର, ସାନଝିଅ ରୀତା ମିଶ୍ର ଓ ପୁତ୍ରବଧୂ ସହିତ ପରିବାରବର୍ଗ ସମେତ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଯାଜପୁର ସହରର ବୈତରଣୀ ନଦୀକୂଳରେ ଅବସ୍ଥିତ ମହାଶ୍ମଶାନରେ ଶେଷକୃତ୍ୟ ହୋଇଥିଲା । ତାଙ୍କର ଜ୍ୟେଷ୍ଠ ପୁତ୍ର ମୁଖାଗ୍ନି ଦେଇଥିଲେ ।

## ସୁକିନ୍ଦା କଂଗ୍ରେସର ବୈଠକ

**ସୁକିନ୍ଦା,୧୬ ।୩(ସମିସ):** ଓଡ଼ିଶାରେ ନିର୍ବାଚନୀ ବିଗୁଲ ବାଜିବା ପରେ ସୁକିନ୍ଦା କଂଗ୍ରେସ ନିର୍ବାଚନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ପୂର୍ବତନ ମନ୍ତ୍ରୀ ଶରତ ରାଉତ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଶନିବାର ଦିନ ସୁକିନ୍ଦା ବ୍ଲକ ଅନ୍ତର୍ଗତ ହରିପୁରସ୍ଥ ପିଠଣିଆ ପୀଠରେ ସୁକିନ୍ଦା କଂଗ୍ରେସର ଏକ ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏହି କର୍ମୀ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଶରତ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଆସନ୍ତା ନିର୍ବାଚନରେ ସେ ସୁକିନ୍ଦା ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢ଼ିବେ ନାହିଁ ବୋଲି ପ୍ରକାଶ କରିବା ସହ ସୁକିନ୍ଦା କଂଗେସ ନିର୍ବାଚନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ମତବ୍ୟକ୍ତ କରିଛନ୍ତି । ଏହି ବୈଠକରେ ପୂର୍ବତନ ମନ୍ତ୍ରୀ ଶରତ ରାଉତଙ୍କ ସହ କଂଗ୍ରେସ ନେତା ରାଇଚରଣ ମହାନ୍ତି, ସୁଜିତ ରାଉତ, ମହେନ୍ଦ୍ର ଦାସ, ବିଭୁଭୂଷଣ ରାଉତ, କୃପାସିନ୍ଧୁ ସାମନ୍ତରାୟ, ଗୀତା ମହାନ୍ତ, ଅନୁପ କୁମାର ନାଏକ, ଜନ୍ମଞ୍ଜୟ ବଳସାମନ୍ତ, ସନ୍ତୋଷ ମିଶ୍ର, ଅଜୟ ମିଶ୍ର, ବୀରବର ଖୁଣ୍ଟିଆ, ଭାଗୀରଥି ମାଲିକ, ମନୋଜ ନାଥ, ହରିହର ପାଣିଗ୍ରାହୀ, ସୁଧାଂଶୁ ଶେଖର ସାହୁ, ମାଗୁଣି ଚରଣ ଜେନା, ସ୍ୱପ୍ନା ବେହୁରା, ସ୍ୱର୍ଣ୍ଣଲତା ବାନରା, ଶେଷଦେବ ରଥ, ହିନ୍ଦୁ ଜାମୁଦାଙ୍କ ସମିତ ସୁକିନ୍ଦା ଓ ଦାନଗଦି ଅଞ୍ଚଳର ଶତାଧିକ ବରିଷ୍ଠ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ ।

## ଲକ୍ଷ୍ମୀନାରାୟଣ ପୂଜା କମିଟିର ଭଜନ ସମାରୋହ

**ସିଂହପୁର, ୧୬।୩(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ଗ୍ରାମର ୫୦ ବର୍ଷର ଅଗ୍ରଣୀ ଅନୁଷ୍ଠାନ ମା' ଲକ୍ଷ୍ମୀନାରାୟଣ ପୂଜା କମିଟି ପକ୍ଷରୁ ୩ ଦିନ ଧରି ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକଙ୍କ ପରିଚାଳନାରେ ଅନୁଷ୍ଠିତ ଭଜନ ସମାରୋହରେ ଓଡ଼ିଶାର ସୁନାମଧନ୍ୟ ଗାୟିକା ସାଇଶ୍ରୀ ପୃଷ୍ଟି, ବିଜୟିନୀ ଦାଶ, କୁମାର ଜଗଦୀଶ ପ୍ରମୁଖ କଣ୍ଠଦାନ କରିଥିଲେ । ଇସ୍କନ ସଂସ୍ଥା ପକ୍ଷରୁ ନାମ ସଂକୀର୍ତ୍ତନ କରାଯାଇଥିଲା । ମା' ଲକ୍ଷ୍ମୀନାରାୟଣ ପୂଜା ଯଥାବିଧି ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଶିକ୍ଷାବିତ ବନବିହାରୀ ଧଳ, ସମାଜସେବୀ ରାଜେନ୍ଦ୍ର ନାୟକ, ବିଷ୍ଣୁ ଚରଣ ଭୂୟାଁ ଓ ଗ୍ରାମବାସୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଜିନ୍ଦଲ ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ ପାଳିତ

**ଦାନଗଦି,୧୬।୩(ସମିସ)**

ଜିନ୍ଦଲ ଷ୍ଟେନଲେସ ଲିମିଟେଡ ପକ୍ଷରୁ କଳିଙ୍ଗନଗରସ୍ଥ କାରଖାନା ପରିସରରେ ୫୩ତମ ଜାତୀୟ ସୁରକ୍ଷା ସପ୍ତାହର ଉଦଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାରଖାନା ଓ ବାଷ୍ପିତ ବିଭାଗ ଯାଜପୁରରୋଡ୍ ଡିଭିଜନର ଡେପୁଟି ଡାଇରେକ୍ଟର ଉମେଶ ଚନ୍ଦ୍ର ସୂତାର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଯାପନୀ ଉତ୍ସବକୁ ଉଦଘାଟନ କରିଥିଲେ । ପରେ କାରଖାନାର ଶ୍ରମିକ ଓ କର୍ମଚାରୀ ଶୂନ୍ୟ ଦୁର୍ଘଟଣା ଶୀର୍ଷକ ଏକ ନାଟକ ପରିବେଷଣ କରିଥିଲେ । ଏହି ନାଟକ ମାଧ୍ୟମରେ କାରଖାନାକୁ କିପରି ଦୁର୍ଘଟଣା ଶୂନ୍ୟ କରାଯିବ ଓ ସୁରକ୍ଷା ପ୍ରତି ପ୍ରତ୍ୟେକ ମୁହୂର୍ତ୍ତରେ ସଚେତନ ରହିବାର ବାର୍ତ୍ତା ଦିଆଯାଇଥିଲା । ମୁଖ୍ୟଅତିଥି ଶ୍ରୀ ସୂତାର ସୁରକ୍ଷା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ କାରଖାନାର ସମସ୍ତ କର୍ମଚାରୀ ଓ ଶ୍ରମିକଙ୍କୁ ଉପଦେଶ ଦେଇଥିଲେ । ଜିନ୍ଦଲ କାରଖାନା ମୁଖ୍ୟ ଦୀପକ ଅଗ୍ରୱାଲ, ବ୍ୟାବସାୟିକ ମୁଖ୍ୟ ଏକେ ସିଂ, ମାନବ ସମ୍ବଳ ମୁଖ୍ୟ ରାକେଶ ପାଠକ, ଅଗ୍ନି ଓ ନିରାପତ୍ତା ମୁଖ୍ୟ ମନୋଜ ବଳ ପ୍ରମୁଖ ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା, ସଡ଼କ ସୁରକ୍ଷା ସହ କାର୍ଯ୍ୟକ୍ଷେତ୍ରରେ ଶୂନ୍ୟ ଦୁର୍ଘଟଣାପ୍ରାପ୍ତି ପାଇଁ ବିଶେଷ ଧ୍ୟାନ ଦେବାକୁ ସମସ୍ତ କର୍ମଚାରୀ ଓ ଶ୍ରମିକଙ୍କୁ ପରାମର୍ଶ ଦେଇଥିଲେ । ସପ୍ତାହ ବ୍ୟାପି ଚାଲିଥିବା ଏହି ସୁରକ୍ଷା କାର୍ଯ୍ୟକ୍ରମରେ ସୁରକ୍ଷା ସ୍ଲୋଗାନ, ସୁରକ୍ଷା ପୋଷ୍ଟର, ସୁରକ୍ଷା ସମ୍ପର୍କିତ ସାଧାରଣ ଜ୍ଞାନ, ସୁରକ୍ଷା ବକ୍ତୃତା ପ୍ରତିଯୋଗିତା, ବ୍ୟକ୍ତିଗତ ସୁରକ୍ଷା ଉପକରଣ ଦୌଡ ପ୍ରତିଯୋଗିତା ସହ ସୁରକ୍ଷା ରାଲି ଭଳି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।




ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ଶ୍ରମିକ ଓ କର୍ମଚାରୀଙ୍କୁ ମୁଖ୍ୟଅତିଥି, କାରଖାନା ମୁଖ୍ୟ ଓ ଅନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ବିଗତ ୩ ବର୍ଷ ଧରି ଶୂନ୍ୟ ଦୁର୍ଘଟଣା ସହ ଉତ୍ତମ ସୁରକ୍ଷା ମାନଦଣ୍ଡ ପାଳନ କରି ଆସୁଥିବାରୁ ଗତବର୍ଷ ପାଇଁ ଜିନ୍ଦଲକୁ ଅନ୍ତର୍ଜାତୀୟ ବ୍ରିଟିଶ ସୁରକ୍ଷା କାଉନସିଲ ଆୱାର୍ଡ, ଗ୍ରୀନଟେକ ଫାଉଣ୍ଡେସନ ଆୱାର୍ଡ, ଇଣ୍ଡିଆନ ଚ୍ୟାମ୍ବର ଅଫ୍ କମର୍ସ (ଆଇଆଇସି) ଆୱାର୍ଡ, ଦଶମ ଏଫଏଫସିଆଇ ଆୱାର୍ଡ, କନଫେଡେରେସନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ) ଆୱାର୍ଡ ସହ ରାଜ୍ୟର ସର୍ବଶ୍ରେଷ୍ଠ କଳିଙ୍ଗ ସୁରକ୍ଷା ଆୱାର୍ଡରେ ସମ୍ମାନିତ କରାଯାଇଥିଲା । ପରିଶେଷରେ ଅଗ୍ନି ଓ ନିରାପତ୍ତା ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ଅତିଥି ବୃନ୍ଦଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା ।

## ଯୁଗଜ୍ୟୋତି ପକ୍ଷରୁ ବସନ୍ତ ଉତ୍ସବ

**ହରିପୁର, ୧୬।୩ (ସମିସ):** ଆଜି ସନ୍ଧ୍ୟାରେ ଯୁଗଜ୍ୟୋତି ସଂଗଠନ ପକ୍ଷରୁ ସ୍ଥାନୀୟ ଚଣ୍ଡିପୁର ୟୁଜିଏମଇ ସ୍କୁଲ ପରିସରରେ ବସନ୍ତ ଉତ୍ସବ ପାଳିତ ହୋଇଯାଇଛି । ଏ ଅବସରରେ ସମ୍ବର୍ଦ୍ଧନା, କବିତା ପାଠ ଉତ୍ସବ, ଆଲୋଚନାଚକ୍ର, ପୁସ୍ତକ ଉନ୍ମୋଚନ ଓ ବନ୍ଧୁ ସମାରୋହ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯୁଗଜ୍ୟୋତି ସଭାପତି ବୈଦେହନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶାସ୍ତ୍ରୀୟ ସଂଗୀତ ଗୁରୁ ହାଡ଼ିବନ୍ଧୁ ରଣା ଉତ୍ସବକୁ ଉଦ୍‌ଘାଟନ କରିଥିବାବେଳେ ଯୁଗଜ୍ୟୋତିର ପ୍ରତିଷ୍ଠାତା ବିଜୟ କୁମାର ଦାସ ସଂଗଠନର ମୌଳିକ ଆଦର୍ଶ, ଲକ୍ଷ୍ୟ, କାର୍ଯ୍ୟଧାରା ଓ ସଭ୍ୟ ନିୟମାବଳୀ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ସମ୍ପାଦକ ପଣ୍ଡିତ ଅଭୟ କୁମାର ତ୍ରିପାଠୀ ଶର୍ମା ପ୍ରାରମ୍ଭିକ ବିବରଣୀ ଓ ସୂଚନା ପ୍ରଦାନ କରିଥିଲେ । କବି ରବୀନ୍ଦ୍ର କୁମାର ମିଶ୍ର, ପ୍ରଦୀପ ସାମଲ, ନାରାୟଣ କର, ରମାକାନ୍ତ ପଣ୍ଡା ପ୍ରମୁଖ କବିତା ପାଠ କରିଥିଲେ । ଯୁଗଜ୍ୟୋତିର ପୂର୍ବତନ ସଭାପତି ହାଡ଼ିବନ୍ଧୁ ରଣା ଓ ବରିଷ୍ଠ ସଭ୍ୟ ନାରାୟଣ କରଙ୍କୁ ଯୁଗଜ୍ୟୋତି ସାଂଗଠନିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏ ଅବସରରେ ସ୍ୱର୍ଗତ ଗାୟକ ରତ୍ନ ଶଙ୍କର୍ଷଣ ପଣ୍ଡାଙ୍କ ଲିଖିତ ପୁସ୍ତକ ଶ୍ରୀ ଚନ୍ଦ୍ରଶେଖର ମେଳା ବହିକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୁଗଜ୍ୟୋତିର ବରିଷ୍ଠ ସଭ୍ୟ ଓ କର୍ମକର୍ତ୍ତା ପଣ୍ଡିତ ଯୋଗେନ୍ଦ୍ର ପଣ୍ଡା, ବିଶିଷ୍ଟ କବି କୁଞ୍ଜବିହାରୀ ଦାସ, ସମାଜସେବୀ ପ୍ରହଲ୍ଲାଦ ପଣ୍ଡା, ବରିଷ୍ଠ ସଭ୍ୟ ସଞ୍ଜୟ ପଣ୍ଡା, ଲକ୍ଷ୍ମୀଧର ପତି, ଭିକାରୀ ଚରଣ ଜେନା, ସୁଦାମ ଚରଣ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ କାଳନ୍ଦୀ ଚରଣ କଣ୍ଠ, ଅଶୋକ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ ।



# ପ୍ରଥମରୁ ଅଷ୍ଟମ ବାର୍ଷିକ ପରୀକ୍ଷା ପାଲଟିଛି ପ୍ରହସନ

## ■ ପରୀକ୍ଷାର ଦିନକ ପୂର୍ବରୁ ଅନ୍‌ଲାଇନରେ ମିଳୁଛି ପ୍ରଶ୍ନପତ୍ର ଓ ଉତ୍ତର

## ■ ଦେଢ଼ଘଣ୍ଟା ବଦଳରେ ୪୦ ମିନଟ୍‌ରେ ଉତ୍ତର ଲେଖୁଛନ୍ତି ପିଲା

ଜଗତସିଂହପୁର, ୧୬।୩(ସମିସ): ସାରା ରାଜ୍ୟ ସମେତ ଜିଲ୍ଲାରେ ଶୁକ୍ରବାରଠାରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ସମାପ୍ତି ସୂଚକ ଆକଳନ (ବାର୍ଷିକ ପରୀକ୍ଷା )ବିଭିନ୍ନ ସ୍କୁଲରେ ଆରମ୍ଭ ହୋଇଛି। ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣଙ୍କ ନିର୍ଦ୍ଦେଶରେ ଏହି ପରୀକ୍ଷା ଅନୁଷ୍ଠିତ ହେଉଛି। ତେବେ ପରୀକ୍ଷାର ଦିନକ ପୂର୍ବରୁ ଅନ୍‌ଲାଇନରେ ପ୍ରଶ୍ନପତ୍ର ଓ ଉତ୍ତର ମିଳୁଥିବାରୁ ଏହି ପରୀକ୍ଷାରେ କପିର ସୀମା ଟପିଛି। ୪୦ ମିନିଟ ମଧ୍ୟରେ ପରୀକ୍ଷାର୍ଥୀ ପିଲାମାନେ ସମସ୍ତ ପ୍ରଶ୍ନର ଉତ୍ତର ଦେଉଥିବାରୁ ଏହି ପରୀକ୍ଷାର ବିଶ୍ୱାସନୀୟତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ଏହି ପରୀକ୍ଷା ଆଧାରରେ ନମ୍ବର ପ୍ରଦାନ କରାଯାଏ ତେବେ ପରିଶ୍ରମ କରିଥିବା ମେଧାବୀ ଛାତ୍ରଛାତ୍ରୀମାନେ ବିଶେଷ ପ୍ରଭାବିତ ହେବେ ବୋଲି ଅଭିଭାବକ ଓ ଛାତ୍ରଛାତ୍ରୀ ମହଲରେ ଆଶଙ୍କା ପ୍ରକାଶ ପାଇଛି।

ସୂଚନା ଅନୁସାରେ, ପ୍ରଥମରୁ ଅଷ୍ଟମ ଶ୍ରେଣୀର ବାର୍ଷିକ ପରୀକ୍ଷା ମାର୍ଚ୍ଚ ୧୫ରୁ ଆରମ୍ଭ ହୋଇ ୨୦ ତାରିଖରେ ଶେଷ ହେବ ବୋଲି ଜିଲ୍ଲା ଶିକ୍ଷା ବିଭାଗ ସୂତ୍ରରୁ ଜଣାପଡ଼ିଛି। ଜିଲ୍ଲାର ମୋଟ ୧୦୮୯ଟି ସରକାରୀ, ଅନୁଦାନପ୍ରାପ୍ତ ଓ ବ୍ଲକ ଗ୍ରାଣ୍ଟ ସ୍କୁଲରେ ଏକକାଳୀନ ନିର୍ଦ୍ଦିଷ୍ଟ ସମୟରେ ଏହି ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେଉଛି। ପ୍ରଥମ ଶ୍ରେଣୀରେ ୭୦୯୪, ଦ୍ୱିତୀୟ ଶ୍ରେଣୀରେ ୮୩୭୫, ତୃତୀୟରେ ୯୯୮୦, ଚତୁର୍ଥରେ୧୦, ୨୪୪, ପଞ୍ଚମରେ ୧୧, ୧୩୦, ଷଷ୍ଠରେ ୧୦, ୯୭୮, ସପ୍ତମରେ ୧୧, ୫୭୫ ଏବଂ ଅଷ୍ଟମରେ ୧୧, ୭୪୮କୁ ମିଶାଇ ମୋଟ ୮୧ ହଜାର ୧୨୪ ଜଣ ପିଲା ପରୀକ୍ଷା ଦେଉଛନ୍ତି। ପରୀକ୍ଷା ପାଇଁ ଓସେପା ମୂଳ ପ୍ରଶ୍ନପତ୍ର ପ୍ରଦାନ କରିଥିବା ସମୟରେ ଏହାକୁ ଆବଶ୍ୟକ ଭିତ୍ତିରେ ଛପାଇବାକୁ ଅଞ୍ଜଳୀ ପ୍ରିଣ୍ଟର ଆଣ୍ଡ ସପ୍ଲାୟର୍ସକୁ ଟେଣ୍ଡର ଦିଆଯାଇଛି। ଏପରିକି ଏହି ସଂସ୍ଥା ସହିତ ଡିଇଓ କମ୍ ଡିପିସି ଚୁକ୍ତି କରିଛନ୍ତି। ଚୁକ୍ତିପତ୍ରରେ କେବଳ ଜିଲ୍ଲା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବ୍ୟତୀତ ଅନ୍ୟ କାହାକୁ ପ୍ରଶ୍ନପତ୍ର ଦେଇପାରିବେନି ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି। ସେପରି କଲେ ଆଇନ ଅନୁସାରେ ଉକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉକ୍ତ ଚୁକ୍ତିପତ୍ରରେ ସ୍ପଷ୍ଟ ନିର୍ଦ୍ଦେଶ ରହିଛି।

ତେବେ ପରୀକ୍ଷାର ପ୍ରଥମ ଦିନରେ ଶୁକ୍ରବାର ଅନୁଷ୍ଠିତ ମାତୃଭାଷା ପରୀକ୍ଷା ପୂର୍ବରୁ ପିଲାଙ୍କୁ ଅନଲାଇନରେ ପ୍ରଶ୍ନପତ୍ର ଓ ଉତ୍ତର ମିଳିଯାଉଥିବାରୁ ଏହି ପରୀକ୍ଷାରେ ବ୍ୟାପକ କପି ଚାଲିଥିବା ବିଭିନ୍ନ ସ୍କୁଲରୁ ସୂଚନା ମିଳିଛି। ଏପରିକି ଶନିବାର ଗଣିତ ରହିଥିବା ସମୟରେ ପରୀକ୍ଷା ପୂର୍ବରୁ ୟୁଟ୍ୟୁବ୍‌ରେ ପିଲାମାନେ ପ୍ରଶ୍ନପତ୍ର ଡାଉନଲୋଡ କରିବା ସହିତ ୟୁଟ୍ୟୁବରୁ ଏହାର ଉତ୍ତର ମଧ୍ୟ ସଂଗ୍ରହ କରୁଛନ୍ତି। ଏହି ପରୀକ୍ଷାରେ ବ୍ୟାପକ ଭାବରେ କପି କରାଯିବା ସହିତ ବିଭିନ୍ନ ପ୍ରକାର ଅସାଧୁ ବ୍ୟବସ୍ଥା ଗ୍ରହଣ କରାଯାଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଛାତ୍ରଛାତ୍ରୀଙ୍କ ଅକୃତକାର୍ଯ୍ୟ ପାଇଁ ଶିକ୍ଷକମାନେ ଉତ୍ତରଦାୟୀ ହୋଇଥିବାରୁ କେତେକ ସ୍କୁଲରେ ଶିକ୍ଷକମାନେ ନିଜ ଚାକିରି ବଞ୍ଚାଇବାକୁ ଛାତ୍ରମାନଙ୍କ କପି କାମରେ ସହଯୋଗ କରୁଥିବା ଜଣାପଡ଼ିଛି। ଏହି ପ୍ରକାର ପରୀକ୍ଷାରେ ମେଧାବୀ ଛାତ୍ରଛାତ୍ରୀମାନେ ପଛୁଆ ହେବା ସହିତ କପି ଓ ଅନ୍ୟାନ୍ୟ ଅସାଧୁ ଉପାୟରେ ପରୀକ୍ଷାରେ ଭଲ କରିଥିବା ଅମନଯୋଗୀ ଛାତ୍ରଛାତ୍ରୀମାନେ ଆଗରେ ରହିବାର ସମ୍ଭାବନା ରହିଛି। ତେବେ ପରୀକ୍ଷା ପୂର୍ବରୁ ଅନଲାଇନରେ ମିଳୁଥିବା ପ୍ରଶ୍ନ ଓ ଉତ୍ତରପତ୍ରକୁ ଶିକ୍ଷା ବିଭାଗ ପକ୍ଷରୁ ଅସ୍ୱୀକାର କରାଯାଇନଥିବା ସମୟରେ ଜଗତସିଂହପୁର ଜିଲ୍ଲାରେ ଏହି ପ୍ରଶ୍ନପତ୍ର ପ୍ରଘଟ ହୋଇନଥିବା କଥା ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସ୍ୱଷ୍ଟିକରଣରେ କୁହାଯାଇଛି।



CLASS 8TH ANNUAL EXAM

...ୀୟ ସମାପ୍ତିସୂଚକ ମାନ-ନିର୍ଦ୍ଧାରଣ : ୨୦୨...

ଶ୍ରେଣୀ : ଅଷ୍ଟମ ବିଷୟ : ଗଣିତ

ଶିକ୍ଷାର୍ଥୀଙ୍କ ନାମ :

ରୋଲ୍ ନମ୍ବର :______ ବିଭାଗ:______ ତାରିଖ:

ବିଦ୍ୟାଳୟର ନାମ:

ବ୍ଲକ:______ ଜିଲ୍ଲା :

| | |
|---|---|
| ସମୟ | ୨ ଘଣ୍ଟା |
| ପୃଷ୍ଠା ସଂଖ୍ୟା | ୧୦ |
| ପ୍ରଶ୍ନ ସଂଖ୍ୟା | ୩୦ |
| ପୂର୍ଣ୍ଣ ସଂଖ୍ୟା | ୫୦ |
| ପ୍ରାପ୍ତାଙ୍କ | |

● କୁଜଙ୍ଗ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ

# ସଭାପତି ଭାବେ ଏକମାତ୍ର ସୁଶାନ୍ତଙ୍କ ପ୍ରାର୍ଥିପତ୍ର କାଏମ

କୁଜଙ୍ଗ, ୧୬।୩(ସମିସ): ଜିଲ୍ଲାର ପ୍ରମୁଖ ଓକିଲ ସଂଘ ମଧ୍ୟରୁ କୁଜଙ୍ଗ ଓକିଲ ସଂଘର ବହୁ ପ୍ରତିକ୍ଷୀତ ନିର୍ବାଚନକୁ ଯେଉଁ କଳ୍ପନା ଜଳ୍ପନା ଓ ଉଷ୍ମତା ପ୍ରକାଶ ପାଇଥିଲା ତାହାର ଅନ୍ତ ଘଟିଛି। ସଭାପତି ପଦ ପାଇଁ ଜନୈକ ଆଶାୟୀ ପ୍ରାର୍ଥୀ ତାଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେବା ଯୋଗୁ ଏବେ ଏହି ନିର୍ବାଚନ ଫଳଫଳ ଘୋଷଣା କେବଳ ଔପଚାରିକତା ବାକି ରହିଛି। ନିର୍ବାଚନ ଅଧିକାରୀ ଆଇନଜୀବୀ ଭାଗୀରଥି ମହାପାତ୍ର ଓ ସହଯୋଗୀ ନିର୍ବାଚନ ଅଧିକାରୀ ସତ୍ୟ ଶଙ୍କର ମିଶ୍ରଙ୍କ ନିକଟରୁ ସୂଚନା ମିଳିଛି। ସଂଗଠନର ସଭାପତି ରୂପେ ଏକମାତ୍ର ପ୍ରାର୍ଥୀ ତଥା ପ୍ରାକ୍ତନ ସଭାପତି ଆଇନଜୀବୀ ସୁଶାନ୍ତ କୁମାର ପଟ୍ଟନାୟକ ନିର୍ଦ୍ୱନ୍ଦ୍ୱରେ ସଭାପତି ହେବା ଏକ ପ୍ରକାର ନିଶ୍ଚିତ ହୋଇଛି। ସେହିପରି ସମ୍ପାଦକ ରୂପେ ଅନ୍ତର୍ଯ୍ୟାମୀ ନାରାୟଣ ଦାସ ଯାଦବ, ଉପସଭାତପି ନୃସିଂହ ଚରଣ ପ୍ରଧାନ, ଯୁଗ୍ମ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର, ସହ ସମ୍ପାଦକ ବ୍ରଜ କିଶୋର ରାଉତ(ମାନସ), ପାଠାଗାର ସମ୍ପାଦକ ପ୍ରଣୟ କୁମାର ପରିଜା, କୋଷାଧ୍ୟକ୍ଷ ପବିତ୍ର ମୋହନ ନାୟକ, କାର୍ଯ୍ୟକାରୀ କମିଟି ସଭ୍ୟ ସଭ୍ୟା ରୂପେ ଜ୍ଞାନ ରଞ୍ଜନ ବିଶ୍ୱାଳ, ଦେବେନ୍ଦ୍ର କୁମାର ରାଉତ, ଦୀପକ କୁମାର ନାୟକ, ପ୍ରିୟମ୍ବଦା ପାଣି, ଅଭୟ କୁମାର ବେହେରା, ପାର୍ଥ ସାରଥୀ ମହାନ୍ତି, ପ୍ରଶାନ୍ତ କୁମାର ବାରିକ, ନିର୍ମଳ କୁମାର ମଲିକ ପ୍ରମୁଖଙ୍କ ପ୍ରାର୍ଥୀପତ୍ର କାୟମ ରହିଥିବା ଜଣାପଡ଼ିଛି। ଫଳରେ ସବୁ ପଦପାଇଁ ଜଣେ ଲେଖାଏଁ ପ୍ରାର୍ଥୀଙ୍କ ନାମାଙ୍କନ ତନଖି ପାଇଁ ରହିଥିବା ଯୋଗୁ ସେମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଏକ ପ୍ରକାର ନିଶ୍ଚିତ ହୋଇଥିବା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି।



# ସ୍ଥଳସେନା ପକ୍ଷରୁ ଅଗ୍ନିବୀର ଯୋଜନା ସମ୍ପର୍କରେ ସଚେତନତା



କେନ୍ଦ୍ରାପଡ଼ା, ୧୬।୩(ସମିସ): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଭାରତୀୟ ସ୍ଥଳସେନା ପକ୍ଷରୁ ଅଗ୍ନିବୀର ସ୍କିମ୍ ସମ୍ପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଏନ୍‌ସିସି ୟୁନିଟ୍ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ପ୍ରଶିକ୍ଷକ ଭାବେ ଭାରତୀୟ ସ୍ଥଳସେନାର ମେଜର ଡ. ହିମନ୍ଦ୍ର ସିଂ, ସୁବେଦାର ଏମ୍. ଏମ୍. ରଏ, ସୁବେଦାର ଗୋପାଳ କାଲେ, ହାବିଲଦାର ଗଙ୍ଗାଧର ସ୍ୱାଇଁ, ଏନ୍‌ସିସି ଅଫିସର ସତ୍ୟରଞ୍ଜନ ମିଶ୍ର ଓ ସହଯୋଗୀ ଏନ୍‌ସିସି ଅଫିସର କ୍ୟାପ୍‌ଟେନ ସୀମା ମହାନ୍ତି ପ୍ରମୁଖ ଯୋଗଦେଇ ଏହି ଯୋଜନାର ଲକ୍ଷ୍ୟ, ଗୁରୁତ୍ୱ ଓ ଆବଶ୍ୟକତା ସମେତ ଅଗ୍ନିବୀର ସୈନିକମାନଙ୍କୁ କି ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯାଏ ଏବଂ ଏଥିନିମନ୍ତେ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ସମ୍ପର୍କରେ ବିଭିନ୍ନ ତଥ୍ୟ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଶିବିରରେ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

● ପୌରସଂସ୍ଥା ପକ୍ଷରୁ ପଲିଥିନ୍ ବିରୋଧୀ ଅଭିଯାନ

# ପଲିଥିନ୍ ଜବତକୁ ନେଇ ବ୍ୟବସାୟୀଙ୍କ ଦୁର୍ବ୍ୟବହାର ଅଭିଯୋଗ



କେନ୍ଦ୍ରାପଡ଼ା, ୧୬।୩(ସମିସ) : କେନ୍ଦ୍ରାପଡ଼ା ପୌରସଂସ୍ଥା ପକ୍ଷରୁ ଶୁକ୍ରବାର ଅପରାହ୍ନରେ ସହରର ତିନିମୁହାଣି ମାର୍କେଟରେ ପଲିଥିନ ବିରୋଧୀ ଅଭିଯାନ ଚାଲିଥିବା ବେଳେ ପଲିଥିନ ଜବତକୁ ନେଇ ଜନୈକ ବ୍ୟବସାୟୀ ପୌର କର୍ମଚାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। କେନ୍ଦ୍ରାପଡ଼ା ପୌରସଂସ୍ଥା ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟର ଏମ୍‌ଏଚ୍‌ପିସି ସୁକାନ୍ତ ବିଶ୍ୱାଳ, ସାନିଟାରି ଏକ୍ସପର୍ଟ୍ ଓ ପୌର କର୍ମଚାରୀମାନେ ଟାଉନ ଥାନା ପୁଲିସ ଉପସ୍ଥିତିରେ ତିନିମୁହାଣୀ ମାର୍କେଟର ବିଭିନ୍ନ ଦୋକାନରୁ ପଲିଥିନ୍ ଓ ଫୋମ୍ ପ୍ଲେଟ୍ ଏବଂ ଜରି ଜବତ କରୁଥିବା ସମୟରେ ଏକ ନିର୍ଦ୍ଦିଷ୍ଟ ସଂସ୍ଥାର ମାଲିକ ପୌର କର୍ମଚାରୀମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ଗାଳିଗୁଲଜ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ କର୍ମଚାରୀମାନଙ୍କ ପକ୍ଷରୁ ଜଣାଇ ଦିଆଯାଇଛି।

# ମୋବାଇଲ ଚୋର ଗିରଫ

ପାରାଦୀପ, ୧୬।୩(ସମିସ): ପାରାଦୀପ ଜଟାଧାରୀ ମୁହାଣ ମେରାଇନ ଥାନା ଅଧିନ ଷଣ୍ଢକୁଦ ୧୯ ନମ୍ବର ୱାର୍ଡ ଅନ୍ତର୍ଗତ ରବୀନ୍ଦ୍ର ଚୌଧୁରୀଙ୍କ ପୁଅ କାଳିଆ ଚୌଧୁରୀ (୨୦) ସେହି ବସ୍ତିର ରମାକାନ୍ତ ମଣ୍ଡଳଙ୍କ ଘରୁ ଏକ ମୋବାଇଲ ଚୋରି କରିନେଇଥିବା ଅଭିଯୋଗରେ ଆଜି ଗିରଫ ହୋଇ କୋର୍ଟ ଚାଲାଣ ହୋଇଛି। ଗତ ଫେବୃଆରୀ ୨୮ ସନ୍ଧ୍ୟାରେ ରମାକାନ୍ତଙ୍କ ଘରୁ ମୋବାଇଲ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ତଦନ୍ତ କରି ଚୋରି ମୋବାଇଲ ଜବତ କରିବା ସହ କାଳିଆକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଗୋରେଖନାଥ ପୀଠରେ ଭୋଗ, ଦୀପ ନିଲାମ ଶେଷ

ରଘୁନାଥପୁର, ୧୬।୩(ସମିସ): ଗୋରେଖନାଥ ମନ୍ଦିରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭୋଗ, ଦୀପ ଓ ଶୌଚାଳୟ ନିଲାମ କରାଯାଇଛି। ହେଲେ ଯାଁବାଳ ଓ ଫୁଲ ପାଇଁ ନିଲାମରେ କେହି ଅଂଶଗ୍ରହଣ କରିନାହାନ୍ତି। ପ୍ରକାଶ ଥାଉକି, ଅତିରିକ୍ତ ସହକାରୀ ଦେବୋତ୍ତର କମିଶନ, କଟକ କାର୍ଯ୍ୟାଳୟରେ ଅତିରିକ୍ତ ଦେବୋତ୍ତର କମିଶନର ସଞ୍ଜୟ କୁମାର ଆଚାର୍ଯ୍ୟ, ଗୋରେଖନାଥ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜା, ଡିଆଇ ପ୍ରଦୀପ୍ତ କୁମାର ସାହୁ, ଗୋରେଖନାଥ ମନ୍ଦିରର ହିସାବ ରକ୍ଷକ ସରୋଜ କୁମାର ସାହାଣୀଙ୍କ ଉପସ୍ଥିତିରେ ଭୋଗ, ଦୀପ, ଶୌଚାଳୟ ପାଇଁ ନିଲାମକାର୍ଯ୍ୟ ଆରମ୍ଭ ହୋଇଥିଲା। ଭୋଗ ଦୋକାନକୁ ରାହାଡିଙ୍ଗା ଛପଡ଼ା ଅଞ୍ଚଳର ରମେଶ ଚନ୍ଦ୍ର ସାହୁ ୪୮ ଲକ୍ଷ ୯୦ ହଜାର ଟଙ୍କାରେ ନିଲାମ ଧରିଛନ୍ତି। ଦୀପ ଦୋକାନକୁ ସେହି ଅଞ୍ଚଳର ଉମେଶ ସାହୁ ୪୦ ଲକ୍ଷ ୫୧ ହଜାର ଟଙ୍କାରେ ନିଲାମ ଧରିଛନ୍ତି। ସେହିପରି ଶୌଚାଳୟକୁ ୫୫ ହଜାର ୫୦୧ ଟଙ୍କାରେ କେରେକେରା ଗ୍ରାମର ସୌମ୍ୟରଞ୍ଜନ ସ୍ୱାଇଁ ନିଲାମ ଧରିଛନ୍ତି। ତେବେ ଯାଁବାଳ ଓ ଫୁଲ ଦୋକାନ ପାଇଁ କେହି ଟେଣ୍ଡର ନପକାଇବାରୁ ଏହି ଦୁଇ ଦୋକାନ ପାଇଁ ଟେଣ୍ଡର ସ୍ଥଗିତ ରହିଛି। ପୁନର୍ବାର ୨୧ ତାରିଖ ଦିନ ଟେଣ୍ଡର କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି।

# ବିଲିକଣାରେ ଭୋଜିଖାଇ ବହୁ ଅସୁସ୍ଥ

ପଟ୍ଟାମୁଣ୍ଡାଇ/ରାଜନଗର, ୧୬।୩ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ବିଲିକଣା ପଞ୍ଚାୟତ ବିଲିକଣା ଗାଁରେ ଶ୍ରାଦ୍ଧବାର୍ଷିକୀ ଭୋଜି ଖାଇ ଶତାଧିକ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଏହି ଗାଁର ବାବନ ବେହେରାଙ୍କ ମା'ଙ୍କ ବର୍ଷିକିଆ ନିମନ୍ତେ ୧୪ ତାରିଖ ଦିନ ମଧ୍ୟାହ୍ନରେ ଭୋଜିଭାତ ହୋଇଥିଲା। ଭୋଜି ପରେ ବଳକା ଖାଦ୍ୟକୁ ରାତିରେ ଗାଁର କିଛି ପରିବାର ସଦସ୍ୟ ଖାଇଥିଲେ। ବଳକା ଖାଦ୍ୟକୁ ରାତିରେ ଖାଇବା ପରେ ବିଳମ୍ବିତ ରାତିରେ ଝାଡାବାନ୍ତି ଆରମ୍ଭ ହୋଇଥିଲା। ଗାଁର ଶତାଧିକ ଲୋକେ ଝାଡାବାନ୍ତିରେ ଆକ୍ରାନ୍ତ ହେବାପରେ କିଛି ଲୋକ ସ୍ଥାନୀୟ ମେଡିସିନ ଷ୍ଟୋରରୁ ମେଡିସିନ ଆଣି ଖାଇଥିବା ବେଳେ ଗୁରୁତର ହୋଇପଡ଼ିଥିବା ଲୋକେ ବାବର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପଟ୍ଟାମୁଣ୍ଡାଇ ସବ୍‌ଡିଭିଜିନାଲ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଆଜି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରଫୁଲ୍ଲ ପରିଡ଼ା, ମୁରଲୀଧର ପରିଡ଼ା, ସେବତୀ ପରିଡ଼ା, ମଞ୍ଜୁଲତା ପରିଡ଼ା, ଗଣେଶ୍ୱର ପରିଡ଼ା, ଲୋଚନ ପରିଡ଼ା, ତପସ୍ୱିନୀ ପରିଡ଼ା, ପୂଜା ପରିଡ଼ା ପ୍ରମୁଖ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ସକାଳୁ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ ମଧ୍ୟ ରିପୋର୍ଟ ଲେଖାହେବା ଯାଏଁ ସେମାନେ ଚିକିତ୍ସିତ ହେଉଛନ୍ତି। ଝାଡାବାନ୍ତିରେ ଆକ୍ରାନ୍ତ ପ୍ରଫୁଲ୍ଲ ପରିଡ଼ାଙ୍କ କହିବା କଥା ହେଲା ୧୪ ତାରିଖ ଦିନ ମଧ୍ୟାହ୍ନରେ ଡାଲମା, ଭାତ, ଖଟା, ଖିରି ଖାଇଥିଲୁ। ଖାଦ୍ୟରେ କଣ ମିଶିଥିଲା ବୋଧେ ୧୪ ତାରିଖ ରାତିରୁ ପତଳା ଝାଡା ସହିତ ବାନ୍ତି ହୋଇଥିଲା। ଆମ ଗାଁର ଶହେରୁ ଅଧିକ ଲୋକେ ଆକ୍ରାନ୍ତ ହୋଇ ପଟ୍ଟାମୁଣ୍ଡାଇ, ବାବର, ରାଜନଗର, କେନ୍ଦ୍ରାପଡ଼ାରେ ଚିକିତ୍ସିତ ହେବା ସହ ଆଉ କେତେ ଜଣ ସେଠାରୁ ମେଡିସିନ ଖାଇ ଘରେ ଅଛନ୍ତି। ପଟ୍ଟାମୁଣ୍ଡାଇ ମେଡିକାଲରେ ଭର୍ତ୍ତି ହୋଇଥିବା ଆରୁଷି ନାୟକ(୫), ଭଗବତୀ ନାୟକ(୩୨), ସନ୍ତୋଷ ନାୟକ(୪୦), ଯଶୋଦା ସାହୁ (୬୫), ସତ୍ୟଭାମା ସାହୁ (୪୨), ବବୁଲ ସାହୁ (୧୪) ବୋଲି ଜଣାପଡ଼ିଛି।

ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ସ୍ମିତ ସ୍ୱାଗତ ପରିଡ଼ାଙ୍କ କହିବା କଥା ହେଲା ଫୁଡ ପଏଜନିଂରେ ଆକ୍ରାନ୍ତ ହୋଇ ଆଜି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୮ଜଣ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ଏମାନଙ୍କ ଦେହ ଥରିବା ସହ ବାନ୍ତି ଓ ଝାଡା ହେଉ ଥିବାରୁ ଚିକିତ୍ସା ଚାଲିଛି।



# ରେଢୁଆ ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



ରଘୁନାଥପୁର, ୧୬।୩(ସମିସ):ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ପଞ୍ଚାୟତର ନୂଆଗଡ଼ ବୁଥ ନମ୍ବର- ୧୮୮ରେ ବିଜେଡ଼ି ପର୍ଯ୍ୟବେକ୍ଷକ ତାରାକାନ୍ତ ଜେନାଙ୍କ ନେତୃତ୍ୱରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ଆଜି ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ କିଶୋର ବେହେରା, ସମିତିସଭ୍ୟ ବିଶ୍ୱଜିତ୍ ଦାସ, ଉପପର୍ଯ୍ୟବେକ୍ଷକ ସଚିତ୍ର ସ୍ୱାଇଁ ଓ ଶତାଧିକ ବିଜେଡ଼ି କର୍ମୀ ଓ ମହିଳା ବିଜେଡ଼ି କର୍ମୀ ଯୋଗଦେଇ ଘର ଘର ବୁଲି ଲୋକଙ୍କୁ ରାଜ୍ୟସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ବୁଝାଇବା ସହ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ପ୍ରତ୍ୟେକ ଭୋଟରଙ୍କ ଘର କାନ୍ଥରେ ଶଙ୍ଖ ଚିହ୍ନର ପୋଷ୍ଟର ଲଗାଯାଇଥିଲା। ପର୍ଯ୍ୟବେକ୍ଷକ ତାରାକାନ୍ତ ଜେନା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନେଇଥିବା ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଜନହିତକରୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ।

# ଆର୍ସେଲର ମିତ୍ତଲ ଓ ନିପ୍ପନ ଷ୍ଟିଲ ଇଣ୍ଡିଆକୁ କ୍ୱାଲିଟି ସର୍କଲ ପୁରସ୍କାର

ପାରାଦୀପ, ୧୬।୩(ସମିସ): କନଫେଡେରେସନ୍ ଅଫ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ପକ୍ଷରୁ ଆୟୋଜିତ ବାର୍ଷିକ ବୈଠକରେ ଆର୍ସେଲର ମିତ୍ତଲ ଓ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ/ଏନ୍‌ଏସ ଇଣ୍ଡିଆ)କୁ ଦୁଇଟି ସମ୍ମାନଜନକ କ୍ୱାଲିଟି ସର୍କଲ ପୁରସ୍କାର ଏବଂ ଏନ୍‌ଏସ୍‌ଇ (ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ପରିବେଶ) ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ଇଣ୍ଡଷ୍ଟ୍ରିଜ୍ ବିଭାଗର ସ୍ୱତନ୍ତ୍ର ସଚିବ ଭୁପେନ୍ଦ୍ର ସିଂ ଏଏମ/ଏନ୍‌ଏସ ଅଧିକାରୀଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଦୁଇଗୋଟି ପୁରସ୍କାର ହାସଲ କରିବା ପରେ ଏଏମ/ଏନ୍‌ଏସ ଇଣ୍ଡିଆର ଓଡ଼ିଶା ଅପରେସନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶ ଜି କହିଛନ୍ତି ଯେ ଆମର କାର୍ଯ୍ୟଦକ୍ଷତାର ସମସ୍ତ ଦିଗରେ ଆମର ଉତ୍କର୍ଷତା ତଥା ଆମର ଦଳଗତ ଉଦ୍ୟମକୁ ସ୍ୱୀକୃତି ମିଳିଥିବାରୁ ଆମେ ସିଆଇଆଇକୁ ଧନ୍ୟବାଦ ଜଣାଉଛୁ। ଏହା ଆଗାମୀ ଦିନରେ ଆମ ପାଇଁ ପ୍ରେରଣାଦାୟୀ ହେବ।




ଆଶାକର୍ମୀ ସଂଘ ଇନ୍ଦୁପୁର ସିଏଚ୍‌ସି କମିଟିର ଗଣଧାରଣା

# ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

କେନ୍ଦ୍ରାପଡ଼ା, ୧୬।୩(ସମିସ): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ସିଏଚ୍‌ସି କମିଟି ପକ୍ଷରୁ ଆଜି ଗଣଧାରଣା ଦିଆଯାଇଥିଲା। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିବା ନିମନ୍ତେ ଆବଶ୍ୟକୀୟ ସରଞ୍ଜାମ ପାଇଁ ୧୦ହଜାର ଟଙ୍କା ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ଆଶାକର୍ମୀମାନଙ୍କୁ ପ୍ରଦାନ କରାଯାଇଥିବା ବେଳେ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ଜଣେ ବି ଆଶାକର୍ମୀଙ୍କୁ ଏହି ଅର୍ଥ ପ୍ରଦାନ କରାଯାଇନଥିବାରୁ ସେମାନେ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗଣଧାରଣାରେ ବସି ରହିଥିଲେ।

ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି। ଏହା ମଧ୍ୟରେ ଦେଢମାସ ବିତିଯାଇଥିଲେ ମଧ୍ୟ ଆଶାକର୍ମୀମାନଙ୍କୁ ଏହି ପ୍ରାପ୍ୟ ପ୍ରଦାନ କରା ନଯିବାରୁ ସେମାନେ ବାଧ୍ୟ ହୋଇ ଗଣଧାରଣାରେ ସାମିଲ ହୋଇଛନ୍ତି ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଂଘର ସଭାପତି ସରସ୍ୱତୀ ସ୍ୱାଇଁ ଓ ସମ୍ପାଦିକା ନନ୍ଦିନୀ ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଗଣଧାରଣାରେ ଏଆଇଟିୟୁସିର ଜିଲ୍ଲା ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ, ଜିଲ୍ଲା ସମ୍ପାଦିକା କାନ୍ତିପ୍ରଭା ନାୟକ, ଇନ୍ଦୁପୁର ସିଏଚ୍‌ସି ଉପସଭାପତି ଜୟନ୍ତୀ ବାରିକ, ଜିଲ୍ଲା ଉପସଭାପତି ଭଜହରି ପ୍ରଧାନ, ଏଆଇଟିୟୁସି ନେତା ଅକ୍ଷୟ ମଲ୍ଲିକ, ମାନିନୀ ମଲ୍ଲିକ, ନୟନାବତୀ ଜେନା, ସସ୍ମିତା ବାରିକ, ଗୋଲାପି ସାହୁ, ମାତାଜୀ ନାୟକ, ରେଣୁବାଳା ସେଣ, ସ୍ନେହଲତା ପ୍ରଧାନ, ଉର୍ମିଳା ସେଠୀ, ବାସନ୍ତୀ ସାହୁ, ସବିତା ନାୟକ, ସସ୍ମିତା ପୃଷ୍ଟି, ରଞ୍ଜିତା ପରିଡ଼ା ପ୍ରମୁଖ ଶତାଧିକ ଆଶାକର୍ମୀ ଏହି ଗଣଧାରଣାରେ ସାମିଲ ହୋଇଥିଲେ। ଅପରାହ୍ନରେ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ଶ୍ରୀକାନ୍ତ ସ୍ୱାଇଁ ଓ ବିପିଏମ୍ ମଞ୍ଜୁଲତା ସାହୁ ଗଣଧାରଣା ସ୍ଥଳରେ ପହଞ୍ଚି ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ଆସନ୍ତା ୩୧ତାରିଖ ସୁଦ୍ଧା ଏହି ଅର୍ଥ ଆଶାକର୍ମୀଙ୍କ ବ୍ୟାଙ୍କ ଜମାଖାତାକୁ ପଠାଯିବାର ପ୍ରତିଶ୍ରୁତି ଦେବା ପରେ ଗଣଧାରଣା ପ୍ରତ୍ୟାହୃତ କରାଯାଇଥିଲା।



